# ବାତ୍ୟା ଆଶ୍ରୟ ସ୍ଥଳୀରେ ବିତୁଛି ୨୪ ପରିବାରଙ୍କ ଜୀବନ

ପାରଳାଖେମୁଣ୍ଡି,୧୭।୧୦(ଡି.ଏନ୍.ଏ.)

ତିତ୍‌ଲି ମହାବାତ୍ୟାକୁ ଚାରିବର୍ଷ ବିତିଛି। ହେଲେ ଆଜିବି ପାରଳାଖେମୁଣ୍ଡି ପୌରପାଳିକା ଅଞ୍ଚଳରେ ୨୪ ପରିବାର ବାସହରା ହୋଇ ସ୍କୁଲ ଘରେ ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳିରେ ଆଶ୍ରୟ ନେଇ ରହିଛନ୍ତି । ପୌରପାଳିକା ଓ ଜିଲା ପ୍ରଶାସନ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇଚାଲିଛନ୍ତି କିନ୍ତୁ ବାସହରାଙ୍କୁ ମିଳିନି ବାସଗୃହ। ୨୦୧୮ ଅକ୍ଟୋବରରେ ତିତ୍‌ଲି ମହାବାତ୍ୟାର କରାଳ ରୂପକୁ ଚାରି ବର୍ଷ ପରେବି ଭୁଲି ପାରୁନାହାନ୍ତି ଲୋକମାନେ। ବାତ୍ୟାରେ ଜିଲାର ଅନେକ କ୍ଷୟକ୍ଷତି ହେବାସହ ବହୁ ଧନଜୀବନ ନଷ୍ଟ ହୋଇଥିଲା। ପରବର୍ତ୍ତୀ ସମୟରେ ସରକାରଙ୍କ ପକ୍ଷରୁ କ୍ଷତି ପୂରଣ ସାଙ୍ଗକୁ ସ୍ୱତନ୍ତ୍ର ସହାୟତା ରାଶି ମଧ୍ୟ ପ୍ରଦାନ ନିମନ୍ତେ କୋଟି କୋଟି ଟଙ୍କାର ଅନୁଦାନ ମଧ୍ୟ ଆସିଥିଲା। କିନ୍ତୁ ପାରଳାଖେମୁଣ୍ଡି ପୌରପରିଷଦର ରେଳବାଇ ନିକଟ



ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳ।

ବସ୍ତି ଅଞ୍ଚଳର ୨୪ ପରିବାର ଆଜିବି ବାସହରା ହୋଇ ତିତ୍‌ଲି ବାତ୍ୟା ସମୟରେ ଦିଆଯାଇଥିବା ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳୀରେ ରହିବାକୁ ବାଧ ହେଉଛନ୍ତି । ପୌରପାଳିକା ର ୩ ନମ୍ବର ୱାର୍ଡରେ ଥିବା ଅରବିନ୍ଦ ପ୍ରାଥମିକ ବିଦ୍ୟାଳୟ ପାଲଟିଛି ଏହି ବାସହରାଙ୍କ ଆଶ୍ରୟସ୍ଥଳୀ। ବାତ୍ୟାପରେ ସମସ୍ତ ପରିବାରକୁ ଗୃହ ଯୋଗାଇ ଦେବାପାଇଁ ପ୍ରଶାସନ ଓ ପୌରପାଳିକା ତରଫରୁ ପ୍ରତିଶ୍ରୁତି ଦିଆଯାଇଥିଲା ହେଲେ ଚାରି ବର୍ଷ ପରେବି ବାସଗୃହ ନପାଇ ବାସହରା ହୋଇ ସ୍କୁଲ ଘରେ ମୁଣ୍ଡ ଗୁଞ୍ଜିବାକୁ ବାଧ ହୋଇଛନ୍ତି। ବର୍ଷା ଦିନେ ସ୍କୁଲ ଘରେ ଗୋଟିଏ ବଖରାରେ ୨୪ ପରିବାରର ୬୦ରୁ ଅଧିକ ସଦସ୍ୟ ଚଳିବା ବହୁ କଷ୍ଟ ହୋଇପଡିଛି। ଏପଟେ ଛାତରୁ ପାଣି ଗଳୁଛି। ବାଳିକା ଝିଅ, ଛୋଟ ପିଲାଙ୍କୁ ନେଇ ବହୁ ଦୁଃଖ କଷ୍ଟରେ ସମୟ କଟାଉଛନ୍ତି ବସ୍ତି ବାସିନ୍ଦା। ପ୍ରଶାସନିକ ଅଧିକାରୀଙ୍କ ପାଖକୁ ଦୌଡ଼ି ଦୌଡ଼ି ହତାଶ ହେଲେଣି କେହିଜଣେ ଗୁହାରି ଶୁଣୁନଥିବା ଅଭିଯୋଗ କରିଛନ୍ତି। ଏମିତି କି ୪ବର୍ଷ ମଧ୍ୟରେ ସ୍କୁଲ ଘରେ ଆଶ୍ରୟ ନେଇଥିବା ଲୋକଙ୍କ ମଧ୍ୟରୁ ଅନେକଙ୍କ ମୃତ୍ୟୁ ଘଟିଥିବା ବସ୍ତି ବାସିନ୍ଦା କହିଛନ୍ତି। ତିତ୍‌ଲି ବାତ୍ୟାର ପରବର୍ତ୍ତୀ ସ୍ଥିତିରେ ଅନେକ ବାସଗୃହ ହରାଇଥିବା ଲୋକେ ବାସଗୃହ ପାଇଛନ୍ତି ଓ କିଛି ଅଯୋଗ୍ୟ ବ୍ୟକ୍ତି ସରକାରୀ ବାସ ଗୃହ ହାତେଇଛନ୍ତି । ହେଲେ ବାତ୍ୟା ଆଶ୍ରୟ ସ୍ଥଳୀରେ ବର୍ଷ ବର୍ଷ ଧରି ଆଶ୍ରୟ ନେଇ ରହିଥିବା ବାସହରା ଲୋକଙ୍କ କଥା କାହିଁକି ବିଚାର କରୁନାହାନ୍ତି ପ୍ରଶାସନିକ ଅଧିକାରୀମାନେ ବୋଲି ପ୍ରଶ୍ନ କରିଛନ୍ତି। ସେପଟେ ପାରଳାଖେମୁଣ୍ଡି ପୌରପରିଷଦ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା କହିଛନ୍ତି ଜାଗା ମିଶନ ଜରିଆରେ ସେମାନଙ୍କ ନିମନ୍ତେ ଜାଗା ଚିହ୍ନଟ କରାଯାଇଛି ଶୀଘ୍ର ଅନ୍ୟତ୍ର ଥଇଥାନ କରାଯିବ ।

## ନିଆଁଲାଗି ସ୍କୁଟି, ବୁଲେଟ୍ ଜଳିଗଲା



ବୁଗୁଡ଼ା,୧୭।୧୦(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ବାଲିପଦର ଗ୍ରାମସ୍ଥ କୁମ୍ଭିସାହିରେ ରବିବାର ରାତିରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ତପନ କୁମାର ପାଣିଗ୍ରାହୀଙ୍କ ଗୋଟିଏ ସ୍କୁଟି ଓ ଏକ ବୁଲେଟ୍ ପୋଡି ଯାଇଛି। ରାତିରେ ତପନଙ୍କ ଗ୍ୟାରେଜରେ ଥିବା ଏକ ବାଇକ୍ ଓ ଜଳୁଥିବାର ଦେଖିବାକୁ ମିଳିଥିଲା। ଅଗ୍ନିଶମ ବିଭାଗକୁ ଖବର ଦେବା ସହ ବାଲି ପକାଇ ନିଆଁ ଲିଭାଇବାକୁ ଲାଗି ପଡିଲେ। ତେବେ ଦମକଳବାହିନୀ ବୁଗୁଡ଼ାରୁ ବାହାରିବା ବେଳକୁ ଲୋକେ ନିଆଁକୁ ଆୟତ୍ତ କରିସାରିଥିଲେ। ସ୍କୁଟିରେ ବ୍ୟାଟେରିରେ ସର୍ଟ ସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ସାଧାରଣରେ ଅନୁମାନ କରାଯାଉଛି। ଏନେଇ ଅବସରପ୍ରାପ୍ତ ସେନା କର୍ମଚାରୀ ତପନ କୁମାର ପାଣିଗ୍ରାହୀଙ୍କ ପକ୍ଷରୁ ବାଲିପଦର ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଓଡ଼ିଶା କୃଷକ ସଭା ଗଞ୍ଜାମ ବ୍ଲକ ସମ୍ମିଳନୀ ଉଦ୍‌ଯାପିତ

ଗଞ୍ଜାମ,୧୭।୧୦(ଡି.ଏନ.ଏ.)-ଗଞ୍ଜାମ ଜିଲା ସମ୍ମିଳନୀ ପାଲିବିନ୍ଦ ପଞ୍ଚାୟତ ନୀଳାଦ୍ରିପୁରଠାରେ ଅନୁଷ୍ଠିତ ହୋଇଯାଇଛି। କୃଷକ ସଭା ପତାକାକୁ ଜିଲା ସଭାପତି ଗୋପାଳକୃଷ୍ଣ ପାଣିଗ୍ରାହୀ ଉତ୍ତୋଳନ କରିଥିଲେ। ଖଲି ସ୍ୱାଇଁ ଓ ଧର୍ମରାଜ ସ୍ୱାଇଁ ସଭାପତି ମଣ୍ଡଳୀରେ ଅନୁଷ୍ଠିତ ଜିଲା ଅଧିବେଶନକୁ ଜିଲା ସମ୍ପାଦକ ତଥା ରାଜ୍ୟ ଉପସଭାପତି ପି. ହରିକୃଷ୍ଣ ରେଡ୍ଡୀ ଉଦ୍‌ଘାଟନ କରି କେନ୍ଦ୍ର ଓ ରାଜ୍ୟ ଚାଷୀ ବିରୋଧୀ ନୀତି ସମ୍ପର୍କରେ ଆଲୋଚନା କରିବା ସହିତ ଏହି ନୀତି ବିରୋଧରେ ସଂଗଠନକୁ ପ୍ରସାର ଓ ସୁଦୃଢ଼ କରି ବ୍ୟାପକ ଆନ୍ଦୋଳନ କରିବାକୁ ବକ୍ତବ୍ୟ ରଖିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ପ୍ରତିନିଧି ସାଥୀମାନେ କୃଷକ ସମସ୍ୟା ନେଇ ଆଲୋଚନା କରିଥିଲେ। ସମ୍ମିଳନୀରେ ଶ୍ରମିକ ନେତା ପୂର୍ବତନ ସରପଞ୍ଚ ଦିଲୀପ ଛୋଟରାୟ ଓ ଦଳିତ ବିକାଶ ମଞ୍ଚ ରାଜ୍ୟ ଆବାହକ ରାମଚନ୍ଦ୍ର ନାୟକ ବକ୍ତବ୍ୟ ରଖିଥିଲେ। ଜିଲା ସଭାପତି ଉଦ୍‌ଯାପନୀ ବକ୍ତବ୍ୟ ରଖିଥିଲେ। ଏହି ସମ୍ମିଳନୀରେ ଅଞ୍ଚଳରେ ସବୁଜମିକୁ ଜଳସେଚନ, ପିଇବା ପାଣି, ଚାଷୀ ଫସଲର ଦର, ଦଖଲ ଜମିର ପଟ୍ଟା, ମୂଲିଆଙ୍କୁ ବର୍ଷ ସାରା କାମ ଓ ଉପଯୁକ୍ତ ମଜୁରି ଦେବା ଦାବି ନେଇ ଆନ୍ଦୋଳନ କରିବା ସହିତ ନଭେମ୍ବର ୫ ଓ ୬ରେ ଖଣ୍ଡଦେଉଳିଠାରେ ହେବାକୁ ଥିବା ଜିଲା ସମ୍ମିଳନୀକୁ ସଫଳ କରିବାକୁ ନିଷ୍ପତ୍ତି ହୋଇଥିଲା। ଏକ ୧୮ଜଣିଆ କମିଟି ଗଠନ କରାଯାଇଥିଲା। ବୈରାଗୀ ବେହେରା ସମ୍ପାଦକ, ଧର୍ମରାଜ ସ୍ୱାଇଁ ସଭାପତି, ଗଦାଧର ରେଡ୍ଡୀ ଓ ଦୁର୍ଯ୍ୟୋଧନ ସ୍ୱାଇଁ ଉପସଭାପତି ରୂପେ ନିର୍ବାଚିତ ହୋଇଥିଲେ। ଏଥିରେ ଖଲି ତରାଇ, ଶିକ୍ଷାବିତ ଦଣ୍ଡପାଣି ମହାପାତ୍ର, ଉଲ୍ଲାସ ଜେନା, ଗଦାଧର ରେଡ୍ଡୀ, ଟଙ୍କିଆ ପ୍ରଧାନ, ଗୋବର୍ଦ୍ଧନ ପାହାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ବିଜେଡିର ଜନସମ୍ପର୍କ ପଦ ଯାତ୍ରା

ଶେରଗଡ,୧୭।୧୦(ଡି.ଏନ.ଏ.)- ଶେରଗଡ ବ୍ଲକ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଶେରଗଡ ଚାରି ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଆୟୋଜିତ ସଭାରେ ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର ଅଧକ୍ଷତା କରିଥିଲେ। ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହୋଇଥିବା ଦଳର ପଦଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କ ଡିଆର୍‌ଡିଏ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ହୀନ ବେହେରା, ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ହରିହର ଦଳେଇ, ଉଦୟ ନାଥ ପ୍ରଧାନ, ସମୀର ପ୍ରଧାନ, ଗୌରହରି ବିଷୋୟୀ, ବିପିନ ବିହାରୀ ପ୍ରମୁଖ ଯୋଗଦେଇ ଥିଲେ।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଚିକିତ୍ସା

ଆର.ଉଦୟଗିରି,୧୭।୧୦(ଡି.ଏନ.ଏ.)- ମୋହନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରବଣ ବାଧିତ ଓ କଥନ ବାଧିତ ଛାତ୍ରୀଛାତ୍ରଙ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ୪ ଦିନ ଧରି ହୋଇଥିବା ଏହି ଶିବିରକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କେ. କୁନା ପାତ୍ର ଉଦଘାଟନ କରିଥିଲେ। ଶିବିରରେ ସମ୍ବଳ ଶିକ୍ଷକ ମଧୁସ୍ମିତା ଗୌଡ ଓ ମୋନାଲି ଜେନା ପ୍ରମୁଖ ଉପସ୍ଥିତ ଥିବା ସମସ୍ତ ଶିବିରାର୍ଥୀମାନଙ୍କୁ କିପରି ସ୍ପିଚ୍ ଥେରାପି ମାଧମରେ ସମାଧାନ କରାଯାଇପାରିବ ବୁଝାଇଥିଲେ। ମୋହନା ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁମନ୍ତ ପ୍ରଧାନ ଓ ପ୍ରକାଶ କୁମାର ସାହୁ ଶିବିର ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ମଣ୍ଡଳ ଧନ୍ୟବାଦ ଦେଇଥିଲେ।

## ୧୭୨ ଅଭିଯୋଗ ଶୁଣିଲେ ଜିଲାପାଳ

ଭଞ୍ଜନଗର,୧୭।୧୦(ଡି.ଏନ.ଏ)

ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୋମବାର ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଖଣ୍ଡର ୧୭୨ ଅଭିଯୋଗ ଶୁଣିଥିଲେ। ସେଥିରୁ ୨୯ ଅଭିଯୋଗର ଫଇସଲା କରାଯାଇଥିଲା। ଏଥିସହ କିଛି ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ଏବଂ ଦିବ୍ୟାଙ୍ଗମାନଙ୍କୁ ସାଇକେଲ ବଣ୍ଟନ କରାଯାଇଥିଲା। ଏବେବି ଅନେକ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇପାରୁନାହାନ୍ତି। ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ଲୋକେ ନୟାନ୍ତ ହୋଇପଡୁଛନ୍ତି। ତେଣୁ ଆଜି ଉପଖଣ୍ଡର କିଛି ଲୋକ ଭତା ସମସ୍ୟା ନେଇ ଜିଲାପାଳଙ୍କ ପାଖକୁ ଆସିଥିଲେ। ଏଥିସହ କେତକ ପଞ୍ଚାୟତରେ ଲୋକ ପ୍ରତିନିଧି ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। ଯେଉଁଥିପାଇଁ ପଞ୍ଚାୟତ ଗୁଡ଼ିକରେ ବିକାଶରେ ବାଧା ଉପୁଜିଛି । ଏଥିପ୍ରତି ଦୃଷ୍ଟି ଦେବାପାଇଁ କେତକ ପଞ୍ଚାୟତର ଲୋକ ପ୍ରତିନିଧି ଜିଲାପାଳଙ୍କ ନିକଟରେ



ଜିଲାପାଳ ସହାୟତା ପ୍ରଦାନ କରୁଛନ୍ତି।

ଅଭିଯୋଗ କରିଥିଲେ। ଜଗନ୍ନାଥପ୍ରସାଦ ବ୍ଲକ ନୂଆଁଗୋଛାବାଡ଼ିର କିଛି ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବି କହି ଜଣେ ବ୍ୟକ୍ତି ଗ୍ରାମର ଅନେକ ଲୋକଙ୍କଠାରୁ ଟଙ୍କା ଠକି ନେଇଛନ୍ତି। ତେଣୁ ଉକ୍ତ ଗ୍ରାମର ଲୋକମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। ଏନେଇ ଆବଶ୍ୟକ ପଦକ୍ଷେପ ନେବାପାଇଁ ଜିଲାପାଳ ଉପ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣିରେ ଭଞ୍ଜନଗର ଉପ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ର, ତହସିଲଦାର ଅଚ୍ୟୁତାନନ୍ଦ ଜାନି, ବିଡିଓ ଶଶି ଭୁଷଣ ମହାପାତ୍ର, ଘୁମୁସର ଦକ୍ଷିଣ ବନଖଣ୍ଡ ଅଧିକାରୀ ଦିଲୀପ ରାଉତ,ଉତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ପ୍ରମୁଖ ଉପସ୍ଥିତ ଥିଲେ।

### ସବରେଜିଷ୍ଟ୍ରି ଅଫିସ କର୍ମଚାରୀଙ୍କ ଶୋକସଭା

ଖଲ୍ଲିକୋଟ,୧୭।୧୦(ଡି.ଏନ.ଏ.)

ଖଲ୍ଲିକୋଟ ସବରେଜିଷ୍ଟ ଅଫିସ କର୍ମଚାରୀ କୁନୀ ସେଠୀଙ୍କ ଦୁର୍ଘଟଣାରେ ସୋମବାର ମୃତ୍ୟୁ ହୋଇଥିଲା। ଏ ନେଇ ଖଲ୍ଲିକୋଟ ସବରେଜିଷ୍ଟାର ଦାୟିତ୍ୱରେ ଥିବା ତହସିଲଦାର ରାଜ କିଶୋର ପଟ୍ଟନାୟକଙ୍କ ଉପସ୍ଥିତିରେ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ଅଫିସ କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ କିରାଣୀ ଚୈତନ୍ୟ ବେହେରା, କନିଷ୍ଠ କିରାଣୀ ସନ୍ତୋଷ କୁମାର ଶବର, ପ୍ରଭାତ ରଞ୍ଜନ ଆଚାର୍ଯ୍ୟ, ଡାଟା ଏଣ୍ଟ୍ରି ଅପରେଟର ଦିବାକର ପଣ୍ଡା, ଡିଡି ରାଇଟର ନାରାୟଣ ମହାପାତ୍ର, ଶକଳେଶ୍ୱର ଦାସ, କମଳ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପାଚିକାମାନଙ୍କ ଦରମା ବୃଦ୍ଧି ଦାବି

ଶେରଗଡ,୧୭।୧୦(ଡି.ଏନ.ଏ.)- ଶେରଗଡ଼ ବ୍ଲକ ପାଚିକା ସହାୟିକାମାନେ ମାତ୍ର ୧୪୦୦ଟଙ୍କାରେ କାମ କରୁଛନ୍ତି। ସେମାନେ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ରାନ୍ଧି ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ପ୍ରଦାନ କରୁଛନ୍ତି। ଦରକାର ପଡ଼ିଲେ ବିଦ୍ୟାଳୟର ପରିସର ସଫେଇ ମଧ କରନ୍ତି।୧୦ ବର୍ଷରୁ ଅଧିକ ଦିନ ହେଲା କାର୍ଯ୍ୟ କରୁଥିଲେ ମଧ ସେମାନଙ୍କ ଦରମା ବୃଦ୍ଧି କରାଯାଉନାହିଁ। ସରକାର ପାଚିକାମାନଙ୍କ ଦରମା ବୃଦ୍ଧି ନ କଲେ ଆନ୍ଦୋଳନକୁ ଓହ୍ଲାଇବାକୁ ପାଚିକା ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଣୁ ପାଚିକା ସହାୟିକଙ୍କ ଦରମା ବଢ଼ାଯାଉ ବୋଲି ଦାବି ହେଉଛି।

## ଜାତୀୟ, ଅନ୍ତର୍ଜାତୀୟ ଖବର କହି ଆଦର୍ଶ ପୁରସ୍କୃତ

**ସାଢ଼େ ୩ବର୍ଷରେ ଇଣ୍ଡିଆ ବୁକ୍‌ଅଫ୍ ରେକର୍ଡ**



ପୋଲସରା,୧୭।୧୦(ଡି.ଏନ.ଏ.)

ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସମସ୍ତ ଜଣାଅଜଣା ଖବର କହି ଜଣେ ସାଢ଼େ ୩ ବର୍ଷର ବାଳକ ପୁରସ୍କୃତ ହୋଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ କଳମ୍ବ ପଞ୍ଚାୟତର ବଡ଼ ନୂଆଗାଁର ସନ୍ତୋଷ କୁମାର ପ୍ରଧାନ ଓ ଶୁଭସ୍ମିତା ପ୍ରଧାନଙ୍କ ପୁଅ ଆଦର୍ଶ। ଆଦର୍ଶଙ୍କ ବିସ୍ମୋରୋକ ଉତ୍ତର ଏବଂ ପ୍ରତିଭାକୁ ନେଇ ୨୦୨୨ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପକ୍ଷରୁ ସ୍ୱତନ୍ତ୍ର ମେଡାଲ୍ ସହ ପୁରସ୍କୃତ କରାଯାଇଛି। ଆଦର୍ଶ ମାତ୍ର ୨ ମିନିଟ୍ ୫୫ ସେକେଣ୍ଡରେ ୧୦ଟି ନ୍ୟାଶନାଲ ସିମ୍ବଲ୍, ୧୦ଟି ଦେଶ ବିଦେଶର ସାଧାରଣ ଜ୍ଞାନର ପ୍ରଶ୍ନର ଉତ୍ତର, ୧୦ ମେଡିସିନର ନାମ, ୧୦ ପଶୁ ପକ୍ଷୀଙ୍କ ନାମ, ଶରୀର ସମସ୍ତ ଅଙ୍ଗର ନାମ ସହିତ ୪ ମନ୍ତ୍ର ପ୍ରାଞ୍ଜଳ ଭାବେ କହି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ନିଜ ନାଁକୁ ସାମିଲ କରିଛନ୍ତି। ଜନ୍ମ ହେବାର ଦେଢ଼ ବର୍ଷରୁ ହିଁ ଆଦର୍ଶ ନିଜର ସ୍ମରଣ ଶକ୍ତିର ପରିପ୍ରକାଶ କରିଥିଲେ। ଶାରୀରିକ ବିକାଶ ସହିତ ସାଢ଼େ ୩ ବର୍ଷ ବୟସରେ ଏଭଳି ପ୍ରତିଭାକୁ ନେଇ ଚର୍ଚ୍ଚା ଜୋର ହୋଇଥିଲା। ଆଦର୍ଶ ପୁରସ୍କୃତ ହୋଇଥିବାରୁ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳୀ ସାହୁ ଓ ସମିତି ସଭ୍ୟ ପ୍ରସାଦ ସାହୁ, ମହିଳା ବିଜେଡି ସଭାନେତ୍ରୀ ଲିଲି ସାହୁ, ବରିଷ୍ଠ ଶିକ୍ଷକ ବୃନ୍ଦାବନ ପ୍ରଧାନ, କାମରାଜୁ ସାହୁ, କାଳୁ ଚରଣ ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ତାଙ୍କୁ ଭେଟି ଅଭିନନ୍ଦନ ଜଣାଇଛନ୍ତି।

## ବିଦ୍ୟାଳୟ ରାସ୍ତାରେ ବର୍ଷାପାଣି, ହନ୍ତସନ୍ତ ବିଦ୍ୟାର୍ଥୀ

ଧରାକୋଟ,୧୭।୧୦(ଡି.ଏନ୍.ଏ.)

ଧରାକୋଟ ସ୍ଥିତ ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାସ୍ତାରେ ବର୍ଷାପାଣି ନିଷ୍କାସନ ହୋଇ ନ ପାରି ଜମି ରହିଥିବାରୁ ଛାତ୍ରୀଛାତ୍ରମାନଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଧରାକୋଟ ଜାନବିଲି ପୂର୍ତ୍ତ ବିଭାଗ ରାସ୍ତାରୁ ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ୨୦୦ ମିଟର ରାସ୍ତାର ମଧ୍ୟଭାଗରେ ପ୍ରାୟ ୫୦ ଫୁଟ ବର୍ଷାପାଣି ଜମି ରହିଥିବାରୁ ରାସ୍ତାରେ ଦୁର୍ଗନ୍ଧ ସହ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା ଦେଖାଦେଇଛି। ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ କିମ୍ବା କୌଣସି ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଉଭୟ ପଟର ପାଣି ମଧ୍ୟଭାଗରେ ଦୀର୍ଘ ଦିନ



ପର୍ଯ୍ୟନ୍ତ ଜମି ରହୁଛି। ଧରାକୋଟ ପଞ୍ଚାୟତ ସମିତି ଅଧୀନରେ ରହିଥିବା ଏହି ରାସ୍ତା ପୂର୍ତ୍ତ ବିଭାଗ ରାସ୍ତାରୁ ମୁଣ୍ଡମରାଇ ପର୍ଯ୍ୟନ୍ତ ପ୍ରାୟ ୧୫ଶହ ମିଟର ଲମ୍ବିଛି । ହେଲେ ଦୀର୍ଘ ଦିନ ଧରି ଏହାର ମରାମତି ହୋଇନାହିଁ। ଲୋକେ ପ୍ରତିଦିନ କପିଳାସ ଅଞ୍ଚଳରେ ରହିଥିବା କ୍ଷେତକୁ ଏବଂ ମୁଣ୍ଡମରାଇକୁ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ସର୍ବୋପରି ଛାତ୍ରୀଛାତ୍ର ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀଙ୍କ ଏହା ନିତିଦିନିଆ ରାସ୍ତା। ରାସ୍ତାରେ ପାଣି ଜମି ରହିଥିବାରୁ ଶିଉଳି ପଡ଼ି ଦୁର୍ଘଟଣାମାନ ଘଟୁଛି। ମାଧ୍ୟମିକ ବିଦ୍ୟାଳୟଠାରୁ କପିଳାସ ଏବଂ ଋଷିକୁଲ୍ୟା କେନାଲ ପର୍ଯ୍ୟନ୍ତ ରାସ୍ତା ନଷ୍ଟ ହୋଇଗଲାଣି। ରାସ୍ତା ମଝିରେ ବଡ଼ ବଡ଼ ଖାଲଖମା ଯୋଗୁ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏଣୁ ବ୍ଲକ ପ୍ରଶାସନ ତରଫରୁ ତୁରନ୍ତ ରାସ୍ତା ମରାମତି ପାଇଁ ଜନସାଧାରଣ ଦାବି କରିଛନ୍ତି।

## ବଜ୍ରପାତରେ ୭୭ ଛେଳି ମୃତ, ଛେଳି ଚରାଳି ଆହତ

ବୁଗୁଡା,୧୭।୧୦(ଡି.ଏନ.ଏ.)

ବୁଗୁଡା ବ୍ଲକ ପାଙ୍ଗିଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ କଞ୍ଚୁରୁ ଗ୍ରାମର ଶତ୍ରୁଘ୍ନ ପାତ୍ରଙ୍କ ୭୭ ଛେଳିର ରବିବାର ବଜ୍ରପାତରେ ମୃତ୍ୟୁ ଘଟିଛି। ଏଥିରେ ସେ ଏବଂ ତାଙ୍କ ପୁତ୍ର ଶଙ୍କର ପାତ୍ର ମଧ ସାମାନ୍ୟ ଆହତ ହୋଇଛନ୍ତି। କଞ୍ଚୁରୁର ଶତ୍ରୁଘ୍ନ ଓ ପୁଅ ଶଙ୍କର ନିକଟରେ ଥିବା ମୁଣ୍ଡିଆକୁ ଛେଳି ଗୋଠ ଧରି ଚରାଇବା ପାଇଁ ଯାଇଥିଲେ। ହଠାତ୍ ଅପରାହ୍ନରେ ବର୍ଷା ସାଙ୍ଗକୁ ପବନ ବିଜୁଳି ମାରିଥିଲା। ଦୁହେଁ ଛେଳି ଗୋଠ ଧରି ଅନ୍ତରପଡା ଓ ମାଣିକ୍ୟପୁର ଛକ ନିକଟରେ ରହିଥିବା ବେଳେ ବଜ୍ରପାତ ଘଟି ଛେଳରି ମୃତ୍ୟୁ



ମୃତ ଛେଳି।

ହୋଇଥିଲା। ଏଥିସହ ବାପା ଓ ପୁଅ ଅଚେତ ହୋଇଯାଇଥିଲେ। ଖବରପାଇ ପାଙ୍ଗିଡି ସରପଞ୍ଚ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ବିଷୋୟୀ ପହଞ୍ଚି ଗରିବ ପରିବାରକୁ ସରକାରୀ ସାହାର୍ଯ୍ୟ ଦେବା ପାଇଁ ଦାବି କରିଛନ୍ତି। ତହସିଲଦାର ସଂଗ୍ରାମ କେଶରୀ ଜେନା ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ପ୍ରଦାନ କ୍ଷେତ୍ରରେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ପାରଳାଖେମୁଣ୍ଡି,୧୭।୧୦(ଡି.ଏନ୍.ଏ.)

ଗଜପତିଜିଲା ସ୍ତରୀୟ ଆନ୍ତଃବିଦ୍ୟାଳୟ ୧୭ରୁ କମ ବୟସର ବାଳିକା ଫୁଟବଲ ଟୁର୍ଣ୍ଣାମେଣ୍ଟ ଗଜପତି ଷ୍ଟାଡିୟମ ପାରଳାଖେମୁଣ୍ଡି ପରିସରରେ ସୋମବାର ଉଦ୍‌ଯାପିତ ହୋଯାଇଛି। ଏଥିରେ ଜୟରାମ ଶତପଥି, ଆରକ୍ଷୀ ଅଧିକ୍ଷକ, ଗଜପତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରଦୀପ କୁମାର ନାୟକ, ପାରଳାଖେମୁଣ୍ଡି ପୌର ପରିଷଦ ଅଧକ୍ଷା ଶ୍ରୀମତୀ ନିର୍ମଳା ସେଠୀ, ଭାରପ୍ରାପ୍ତ କ୍ରୀଡ଼ା ଅଧିକାରୀ ତଥା ଡେପୁଟି କଲେକ୍ଟର ନଟବର ଗରଡ଼ା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମୋନଜ ରଞ୍ଜନ ଦଳାଇ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୋସ କୁମାର ନାୟକ



ଅତିଥିଙ୍କ ଗହଣରେ ଖେଳାଳିମାନେ ।

ସଭାପତିତ୍ୱ କରିଥିଲେ। ଜିଲାର ସାତ ବ୍ଲକର ସମସ୍ତ ମେଧାବୀ ଫୁଟବଲ ଖେଳାଳି ବାଳକ ବାଳିକା ଓ ପାରଳାଖେମୁଣ୍ଡି ପୌରପାଳିକାର ୧୩ ଟିମ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଗୋଷାଣୀ ଓ ଆର. ଉଦୟଗିରି ବଳିକା ଟିମ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଗୋଷାଣୀ ଟିମ ୧−୦ ଗୋଲରେ ବିଜେତା ହୋଇଥିଲେ। ଫାଇନାଲରେ ପାରଳାଖେମୁଣ୍ଡି ପୌରପାଳିକା ଓ ମୋହନା ବାଳକ ଟିମ ଖେଳିବା ପାଇଁ ବିବେଚିତ ହୋଇଥିଲେ। ଶେଷରେ ପାରଳାଖେମୁଣ୍ଡି ପୌରପାଳିକା ବାଳକ ଟିମ ୨−୦ ଗୋଲରେ ବିଜୟୀ ହୋଇଥିଲେ। ବିଜୟୀ ଦଳକୁ ପୌର ପରିଷଦ ପାଳିକା ଟିମ ଅଥିତି ମାନଙ୍କଠାରୁ ପୁରସ୍କୃତ କରାଯାଇଛି।

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଆର.ଉଦୟଗିରି,୧୭।୧୦(ଡି.ଏନ.ଏ.)

ଆର.ଉଦୟଗିରି ପଞ୍ଚାୟତ ସମିତି ପ୍ରାଙ୍ଗଣରେ ସମାଜିକ ସୁରକ୍ଷା ବିଭାଗ ଦ୍ୱାରା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୦ଟି ପଞ୍ଚାୟତର ୫୦୦ ଉର୍ଦ୍ଧ୍ୱ ବିଭିନ୍ନ ବର୍ଗର ଭିନ୍ନକ୍ଷମ ଆସିଥିଲେ। କ୍ଷୀଣ ଦୃଷ୍ଟି ଶକ୍ତି ୩୦ ଜଣ, ମୂକ ଓ ବଧିର ୬୨ , ଦିବ୍ୟାଙ୍ଗ ୧୬୫ ଓ ମାନସିକ ବିକାରଗ୍ରସ୍ତ ରକ୍ତହୀନତା ୫୬ ଜଣ ଏଭଳି ମୋଟ ୩୧୩ ଜଣ ଶିବିରରେ ପଞ୍ଜୀକୃତ ହୋଇ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଛନ୍ତି। ବିଡିଓ ଲରିମନ ଖର୍ସେଲ ଓ ବ୍ଲକ ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର ଓ ସ୍ଥାନୀୟ ସରପଞ୍ଚ ଜାମେସ ରାଇକା ଶିବିରକୁ ଉଦଘାଟନ କରିଥିଲେ। ୩ ଜଣ ଡାକ୍ତର ଡିଡିଆରସି ଟିମ ଯୋଗଦେଇଥିଲେ। ଅରୁଣ ଉଦୟଭାନୁ ଓ ପିଇଓ ଜେ.ସତ୍ୟନାରାୟଣ ଓ ଭାରପ୍ରାପ୍ତ ଜିପିଇଓ ଶସାଙ୍କ ଶେଖର ସୁବୁଦ୍ଧି ଶିବିର ପରିଚାଳନା କରିଥିଲେ।

## କବି ବିଦେଶୀ ନାୟକ ସମ୍ମାନିତ

ଦାରିଙ୍ଗବାଡ଼ି,୧୭।୧୦(ଡି.ଏନ୍.ଏ)

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା କବି ବିଦେଶୀ ନାୟକ ନିଜର ଦୁଇଟି କବିତା ପାଇଁ ସେ ରବିବାର ରାଜ୍ୟସ୍ତରୀୟ ସମ୍ମାନ ପାଇଛନ୍ତି। ଏଥିପାଇଁ ସେ କାର୍ଯ୍ୟକରୁଥିବା ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀମାନେ ଏବଂ ଛାତ୍ରୀଛାତ୍ର, ବିଦ୍ୟାଳୟ ପରିଚାଳନା କମିଟି, ଲୋକ ପ୍ରତିନିଧି, ପୁରାତନ ଛାତ୍ରୀଛାତ୍ର ପ୍ରମୁଖ ପ୍ରଧାନ ଶିକ୍ଷକ ନାୟକଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇଛନ୍ତି।

ସମ୍ବର୍ଦ୍ଧନା ଉତ୍ସବରେ କବି ତଥା ଶିକ୍ଷକ ନାୟକ କହିଛନ୍ତି, ପାଠ ପଢ଼ିବା ସହ ଛାତ୍ରୀଛାତ୍ରମାନେ ସଙ୍ଗୀତ, କବିତା, ନୃତ୍ୟ ଆଦି ବିଭିନ୍ନ କାର୍ଯ୍ୟରେ ଦକ୍ଷତା ବୃଦ୍ଧି କରିବା ଦରକାର ଏଥିପାଇଁ ସେ




ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ସମସ୍ତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ଏବେ କନ୍ଧମାଳ ଜିଲାପାଳଙ୍କ ସ୍ୱତନ୍ତ୍ର ଶିକ୍ଷା କାର୍ଯ୍ୟ କରାଯାଉଥିବା କହିଥିଲେ।

କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ପରମେ ପ୍ରଧାନ, ମୋ ସ୍କୁଲ ପରିଚାଳନା କମିଟିର ସଭାପତି ଏସ୍. ସୁନୀଲ କୁମାର ସୁବୁଦ୍ଧି, ଦିଲୀପ ପ୍ରଧାନ, ଜ୍ୟୋତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ବ୍ରହ୍ମପୁରଠାରେ ଗଞ୍ଜାମ କବିତା ଲିଟେରାରି ଟ୍ରଷ୍ଟ ଆନୁକୁଲ୍ୟରେ ରବିବାର ଅନୁଷ୍ଠିତ ୮ମ ସାହିତ୍ୟ ଉତ୍ସବରେ ବିଦେଶୀଙ୍କୁ ସମ୍ମାନ ଫଳକ, ଉପଢ଼ୌକନ ଓ ୫ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି।

## ଆଜି କ'ଣ କେଉଁଠି

ଦାରିଙ୍ଗବାଡି

- ବିଜେଡିର ପଦଯାତ୍ରା, ସ୍ଥାନ –ବୁଡ଼ାଗୁଡା, ସମୟ– ପୂର୍ବାହ୍ନ ସାଢ଼େ୧୦ଟା

# ଉର୍ବରତା ହରାଉଛି ଗଞ୍ଜାମ ଜିଲା ମାଟି

ଛତ୍ରପୁର,୧୭।୧୦(ଡି.ଏନ.ଏ.)

ବିଶେଷକରି ଧାନ ଓ ପରିବା ଫସଲ ଉତ୍ପାଦନ କ୍ଷେତ୍ରରେ ଗଞ୍ଜାମ ଜିଲାରେ ଦିନକୁ ଦିନ ମାଟିର ଉର୍ବରତା ହ୍ରାସ ପାଉଛି । ଫଳରେ ଫସଲ ଅମଳରେ ଏହାର ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳୁଛି । ମାଟିରେ ଲବଣ ଓ କ୍ଷାର ଅଂଶ ବୃଦ୍ଧି ଯୋଗୁ ଏଭଳି ସମସ୍ୟା ହେଉଥିବା ବିଶେଷଜ୍ଞମାନେ ମତ ଦେଉଛନ୍ତି। ମାତ୍ରାଧିକ ୟୁରିଆ ସାର ପ୍ରୟୋଗ ଓ କୀଟନାଶକ ସିଞ୍ଚନ ମଧ୍ୟ ଏହାର କାରଣ ବୋଲି କୁହାଯାଇଛି। ବିଶେଷକରି ଜିଲାର ସମୁଦ୍ରକୂଳିଆ ବ୍ଲକଗୁଡ଼ିକରେ ଏହି ସ୍ଥିତି ସାଂଘାତିକ ପରିସ୍ଥିତି ରହିଛି। ମାଟି ଅଧିକ ଲବଣାକ୍ତ ହେଉଥିବାରୁ ଫସଲ ଅମଳ କମୁଛି। ଏଥିସହ ଚାଷଜମି ପରିମାଣ ମଧ୍ୟ କମିଚାଲିଛି। ସମୁଦ୍ର ଉପକୂଳରେ ରହିଛି ଜିଲାର ଖଲ୍ଲିକୋଟ, ଛତ୍ରପୁର, ଗଞ୍ଜାମ, ରଙ୍ଗେଇଲୁଣ୍ଡା ଓ ଚିକିଟି ବ୍ଲକ। ଏଣୁ ଏହି ବ୍ଲକର ଅଧିକାଂଶ ଗାଁ ମାଟିରେ ଅଧିକ ଲବଣାକ୍ତ ଅଂଶ ସହ ପାଣି ମଧ୍ୟ କ୍ଷାର ରହିଛି । ଏଣୁ ଏଭଳି ମାଟିରେ ଅମଳ ଭଲ ହୁଏନାହିଁ। ଏଭଳି ମାଟିର ମାନ ପରୀକ୍ଷା ଲାଗି ମୃତ୍ତିକା ସଂରକ୍ଷଣ ବିଭାଗ ରହିଛି। ଏହି ବିଭାଗ ଜିଲାର ବିଭିନ୍ନ ବ୍ଲକରୁ ମାଟି ସଂଗ୍ରହ କରି ତା'ର ପରୀକ୍ଷଣ କରିଥାଏ । ସାଧାରଣତଃ ଚାଷକାମ ପାଇଁ ମାଟି ଅନୁକୂଳ ଅଛି କି ନାହିଁ ସେ ଦିଗରେ ଅଧିକ ତଥ୍ୟ ସଂଗ୍ରହ କରାଯାଇଥାଏ। ମାଟିରେ ପିଏଚ୍ ଷ୍ଟାଟସ୍ (ପିଏଚ୍ ପାୱାର ଅଫ୍ ହାଇଡ୍ରୋଜେନ ଆୟନ ଅଫ୍ ସଏଲ) ୬.୫ରୁ ୭.୫ ରହିଲେ ତାହା ଚାଷ ପାଇଁ ଅନୁକୂଳ। କିନ୍ତୁ ଜିଲାର ବିଭିନ୍ନ ବ୍ଲକରୁ ସଂଗ୍ରହ ହୋଇଥିବା ମାଟି ନମୁନାରେ ପିଏଚ୍ ଅଧିକ ରହୁଛି। ୬୯୫ ନମୁନାରେ କ୍ଷାର ଅଂଶ ରହିଥିବା ଜଣାପଡିଛି। ଅନ୍ୟ ୬ ହଜାର ୩୧୮ ନମୁନା ସାଧାରଣ ସ୍ତରରେ ରହିଛି । ଏଥିରୁ ୬୧.୫୩ ପ୍ରତିଶତ ନମୁନା ଭଲ ରହିଥିବା ବେଳେ ପ୍ରାୟ ୩୯ ପ୍ରତିଶତ ନମୁନା ଲୁଣି ଓ କ୍ଷାର ରହିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ।
ମାଟିରେ ଲବଣ ଓ କ୍ଷାରଅଂଶ ବଢ଼ିବା ଯୋଗୁ ଉର୍ବରତା ହ୍ରାସ ପାଇଥାଏ। ଫଳରେ ଫସଲ ନଷ୍ଟ ହେବା ସହିତ ଅମଳ କମିଥାଏ। ମାଟିର ଉର୍ବରତା ବୃଦ୍ଧି କରିବା ପାଇଁ ଗୋବର ଓ କମ୍ପୋଷ୍ଟ ଖତ ବ୍ୟବହାର କରିବାକୁ ଚାଷୀମାନଙ୍କୁ ବାରମ୍ବାର ସଚେତନ କରାଯାଉଛି। କିନ୍ତୁ ଚାଷୀ ମାତ୍ରାଧିକ ୟୁରିଆ ପ୍ରୟୋଗ କରୁଥିବା ଯୋଗୁ ଏହା ଉପରେ ତା'ର କୁପ୍ରଭାବ ପଡୁଛି। ସେହିପରି ମାଟିରେ ଜଳୀୟଅଂଶ ମଧ୍ୟ କମୁଛି। ନିଅଣ୍ଟିଆ ବର୍ଷା ଯୋଗୁ ଜମି ଶୁଖି ଟାଙ୍ଗରା ହୋଇଯାଉଛି। ମାଟିକୁ ଚାଷ ଅନୁକୂଳ କରିବା ପାଇଁ ଜୈବିକ ପ୍ରୟୋଗ କରିବାକୁ ଚାଷୀଙ୍କୁ କୁହାଯାଉଛି।
ସୂଚନା ଅନୁସାରେ, ରଙ୍ଗେଇଲୁଣ୍ଡା ବ୍ଲକରୁ ସଂଗୃହୀତ ୮୪୫ ନମୁନା ମଧ୍ୟରୁ ୧୪୭ ଲୁଣି ଓ ୧୬୦ କ୍ଷାର ହୋଇଥିବାବେଳେ ପାତ୍ରପୁର ବ୍ଲକର ୬୭୬ ନମୁନାରୁ ୧୩୬ ଲୁଣି ଓ ୧୫୬ କ୍ଷାର, ଦିଗପହଣ୍ଡିର ୧୪୫୩ ନମୁନାରୁ ୨୭୬ ଲୁଣି ଓ ୧୮୮ କ୍ଷାର, ପୁରୁଷୋତ୍ତମପୁରର ୮୧୫ ନମୁନାରୁ ୨୦୯ଟି ଲୁଣି ଓ ୧୦୯ କ୍ଷାର। ବେଗୁନିଆପଡ଼ା ବ୍ଲକର ୬୭୩ ନମୁନାରୁ ୧୮୯ ଲୁଣି ଓ ୧୧୭ କ୍ଷାର ରହିଛି।
ଆହୁରି ଜଣାଯାଇଛି, ସଚେତନତା ଅଭାବ ରହୁଛି ଏବଂ ଧନିଚା ଓ ଜୈବିକ ଖତ ମିଳୁନି। ମାଟିରେ ଲବଣ ଓ କ୍ଷାରଅଂଶ ବୃଦ୍ଧି ପାଉଥିବାରୁ ଏଭଳି ସମସ୍ୟା ଦେଖାଯାଉଛି । ଫଳରେ ୟୁରିଆ ଉପରେ ଚାଷୀ ଅଧିକ ନିର୍ଭର କରୁଛନ୍ତି। ଉର୍ବରତା ହ୍ରାସ ଯୋଗୁ ଭଲ ଫସଲ ଅମଳ ନ ହେବାରୁ ଚାଷୀ ବାଧ୍ୟହୋଇ ସେମାନଙ୍କ ଜମି ବିକ୍ରି କରିଦେଉଛନ୍ତି। ସେଠାରେ ପ୍ଲଟିଂ ହୋଇ ଘର ପାଇଁ ଜମି ବିକ୍ରି ହେଉଛି। ତେବେ ଏବେଠାରୁ ସଚେତନ ନ ହେଲେ ଦିନ ଆସିବ, ଧାନ ଓ ପରିବା ତ ଦୂରର କଥା ଦୂବ ଘାସଟିଏ ମଧ୍ୟ କଅଁଳିବନାହିଁ ବୋଲି ଚାଷୀମାନେ କହୁଛନ୍ତି।

### ଚାଷୀ ଯାହା କୁହନ୍ତି...

" ପିଲା ଦିନରୁ ବାପାଙ୍କୁ ଚାଷ କ୍ଷେତ୍ରରେ ସହଯୋଗ କରି କରି ବର୍ତ୍ତମାନ ମୁଁ ଜଣେ ଚାଷୀ। ପ୍ରତିବର୍ଷ ୨୦ ଭରଣ ଜମିରେ ଖରିଫ ଚାଷ କରୁଛି । କିନ୍ତୁ ଆଗ ଭଳି ମାଟିର ଉର୍ବରତା ନାହିଁ । କାରଣ ଜିଆ ସଂଖ୍ୟା ହ୍ରାସ ହେତୁ ମାଟିର ଉର୍ବରତା ଦିନକୁ ଦିନ କମୁଛି । ଏଥିସହ ଚାଷ ପ୍ରଣାଳୀ ପାଇଁ ଆବଶ୍ୟକ ସରଞ୍ଜାମ ମଧ୍ୟ ବଢୁଛି । ଏଣୁ ଚାଷୀ ଚାଷ ପ୍ରତି ମୁହଁ ଫେରାଉଛନ୍ତି। ଫଳରେ ଚାଷ ଜମି ପଡିଆ ପଡୁଛି । ଏହା ମଧ ମାଟିର ଉର୍ବରତା କମିବାର ମୁଖ୍ୟ କାରଣ ।

**ବୃନ୍ଦାବନ ସାହୁ, ଚାଷୀ, ପୁଇଁତୋଳା, ଗଞ୍ଜାମ ବ୍ଲକ**

" ଜମିରେ ଧନିଚା ଓ ଗୋବର ପକାଇଲେ ହିଁ ଏହାର ଉର୍ବରତା ବଢ଼ିବ। ନ ହେଲେ ଚାଷୀ ଆଗାମୀ ଦିନରେ ଚାଷ ଛାଡିବାକୁ ବାଧ ହେବେ। ଏବେବି ବହୁ ଚାଷୀ ଅମଳ କମିବାରୁ ଚାସବାସରୁ ମୁହଁ ଫେରାଇଲେଣି।

**ମଥୁରା ସୁବୁଦ୍ଧି, ଚାଷୀ, ଲଣ୍ଡାବାଉଁଶ ଗାଁ, ଛତ୍ରପୁର ବ୍ଲକ**

" ଜମିର ଉର୍ବରତା କମିବାର କାରଣ ବହୁ ପରିମାଣର ବିଭିନ୍ନ ସାର ପ୍ରୟୋଗ ଦ୍ୱାରା ହେଉଛି। ଲଳିତା ଚାଷ ଅଧିକ ହେଉନାହିଁ।

**ଦେବରାଜ ପାହାନ, ଚାଷୀ, ଶ୍ରୀକୃଷ୍ଣଶରଣପୁର, ଖଲ୍ଲିକୋଟ ବ୍ଲକ**

" ମୃତ୍ତିକାର ଉର୍ବରତା କମିବାର ମୁଖ୍ୟ କାରଣ ହେଉଛି ଜୈବିକ ସାର ଯାହାକି ଗୋରୁଙ୍କ ଅବଶେଷରୁ ମିଳେ। ବର୍ତ୍ତମାନ ସମୟରେ ଗୋପାଳନର ହ୍ରାସ ଏବଂ ଅଧିକ ଖର୍ଚ୍ଚାନ୍ତ ହେତୁ ଗୋବର ଆଦି ଜୈବିକ ସାରର ଅଭାବ ଏହାର ପ୍ରମୁଖ କାରଣ। ଅନ୍ୟ ପକ୍ଷରେ ଜମିରେ ବାରମ୍ବାର ଫସଲ ଉତାରିବ ଫଳରେ ଏହାକୁ ପଡିଆ ରଖା ଯାଉନାହିଁ ଫଳରେ ଉର୍ବରତା କମୁଛି ।

**ପ୍ରକାଶ ପରମଗୁରୁ, ଚାଷୀ, ଦେଉଳିଆପଡା, ଚିକିଟି ବ୍ଲକ ।**

" ମାଟିର ଯତ୍ନ ପାଇଁ ବହୁ ପଦକ୍ଷେପ ନିଆଯାଇ ମର୍ତ୍ତିକା ପରୀକ୍ଷା କରାଯାଉଛି ।

**ବିଦୁର ସେଠ ମାଝି, କୃଷି ଅଧିକାରୀ**

" ସାର ପ୍ରୟୋଗର ଆବଶ୍ୟକତା ରହିଛି । ଏଭଳି ଚାଲିଲେ ଆଗକୁ ଗଞ୍ଜାମ ବାସୀଙ୍କୁ ଖାଇବାକୁ ମିଳିବନି।

**ସୀମାଞ୍ଚଳ ନାହାକ, ସମ୍ପାଦକ , ଋଷିକୁଲ୍ୟା ରୟତ ମହାସଭା**

## ଭାବିନୀପୁର ଗ୍ରାମରୁ ହରିଣ ଛୁଆ ଉଦ୍ଧାର



**ବ୍ରହ୍ମପୁର ଅଫିସ,୧୭।୧୦:** ବ୍ରହ୍ମପୁର ବନ ବିଭାଗ ପକ୍ଷରୁ ସୋମବାର ସହର ଉପକଣ୍ଠସ୍ଥ ଭାବିନୀପୁର ଗ୍ରାମରୁ ଏକ ହରିଣ ଛୁଆ ଉଦ୍ଧାର କରାଯାଇଛି। ସୂଚନା ମୁତାବକ, ହରିଣ ଛୁଆଟି ଭାବିନୀପୁର ଗ୍ରାମ ନିକଟରେ ବୁଲୁଥିବା ବେଳେ କିଛି କୁକୁର ଆକ୍ରମଣ କରିଥିଲେ। ଏ ନେଇ ଗ୍ରାମର ଜଣେ ଲୋକ ଦେଖିବା ପରେ ବନ ବିଭାଗକୁ ଖବର ଦେଇଥିଲେ। ବନପାଳ ବାବୁ ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ହରିଣ ଛୁଆ ଉଦ୍ଧାର ପରେ ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସାଳୟକୁ ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ପରବର୍ତ୍ତୀ ସମୟରେ ତାକୁ ଜଙ୍ଗଲରେ ଛଡାଯିବ ବୋଲି ରେଞ୍ଜର ରଜତ ମିଶ୍ର ସୂଚନା ଦେଇଛନ୍ତି।

## ନାବାଳିକା ବଳାତ୍କାର ମାମଲା
## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୧୭।୧୦:** ବ୍ରହ୍ମପୁର ଫାଷ୍ଟଟ୍ରାକ ପୋକ୍ସୋ ଜଜ୍ ଗଣେଶ୍ୱର ପତି ଏକ ନାବାଳିକା ବଳାତ୍କାର ମାମଲାର ସୋମବାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତ ଜରଡ଼ା ଥାନା ଅଞ୍ଚଳର ବିଜୁ ସାହୁ(୨୪)ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଏନେଇ ମୁଦାଲାଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରୁଥିବା ଆଇନଜୀବୀ କପିଳେଶ୍ୱର ପଟ୍ଟନାୟକ ଓ ସୁଧୀର ନାୟକ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବିଜୁ ଜଣେ ନାବାଳିକାଙ୍କୁ ୨୦୧୯ ସେପ୍ଟେମ୍ବର ୧୭ରେ ଅପହରଣ କରିବା ସହ ତାଙ୍କୁ ଚିକିଟି ପେଣ୍ଠରେ ଜଣେ ବନ୍ଧୁଙ୍କ ଘରେ ରଖି ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ବାପା ଏନେଇ ଜରଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୬/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବିଜୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତାଙ୍କୁ ହାଇକୋର୍ଟରୁ ଜାମିନ ମିଳିଥିଲା। ଉକ୍ତ ମାମଲାର ଶୁଣାଣି ବେଳେ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୭ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ କୋର୍ଟରେ ଦାଖଲ କରିଥିବା ଚାର୍ଜଶିଟ୍‌କୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ୍ ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

## ନୂତନ ତହସିଲଦାରଙ୍କ ଯୋଗଦାନ



**ଭଞ୍ଜନଗର, ୧୭।୧୦ (ଡି.ଏନ.ଏ):** ଭଞ୍ଜନଗର ନୂତନ ତହସିଲଦାର ଭାବେ ଅଚ୍ୟୁତାନନ୍ଦ ଜାନି ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହାପରେ କର୍ମଚାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ତାଙ୍କୁ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ, ଭଞ୍ଜନଗର ତହସିଲଦାର ପଦବୀ ବହୁଦିନ ହେବ ଖାଲିଥିଲା। ଅତିରିକ୍ତ ତହସିଲଦାର ଉକ୍ତ ଦାୟିତ୍ୱ ତୁଲାଉଥିଲେ। ଜାନି ଦାୟିତ୍ୱ ନେବାପରେ ଧରିତ୍ରୀକୁ କହିଛନ୍ତି, ଲୋକଙ୍କୁ କିଭଳି ଭଲ ସେବା ମିଳିପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବ।



କାର୍ତ୍ତିକ ଦ୍ୱିତୀୟ ସୋମବାର ଗୋକୋର୍ଣ୍ଣେଶ୍ୱରଙ୍କ ନିକଟରେ ଜଳାଭିଷେକ କରାଯାଉଛି। (ଫଟୋ: ସମୀର )

## ଆଇନ ସଚେତନତା କର୍ମଶାଳା

ବ୍ରହ୍ମପୁର ଅଫିସ,୧୭।୧୦

ଗଞ୍ଜାମ ଜିଲା ଜଜ ତଥା ଆଇନ ସେବା ପ୍ରାଧିକରଣ (ଡ଼ିଏଲଏସ୍‌ଏ) ଅଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶ ଅନୁସାରେ ଆଙ୍କୋଲି ମାତୃ ସରୋଜିନୀ ଉଚ୍ଚ ବିଦ୍ୟାଳୟରେ ସୋମବାର ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଡ଼ିଏଲଏସ୍‌ଏ ସଚିବ କୈଳାସ ସାହୁ ଯୋଗଦେଇ ଆଇନସେବା ପ୍ରାଧିକରଣର ଭୂମିକା ଓ ତାର କାର୍ଯ୍ୟକାରିତା ଉପରେ ଛାତ୍ରୀ, ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ବୁଝାଇଥିଲେ। ଛାତ୍ରୀ ଓ ମହିଳାମାନଙ୍କ ପାଇଁ ସମ୍ବିଧାନରେ ରହିଥିବା ମୌଳିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଡା.ଏନ୍.ସି.ପଟ୍ଟନାୟକ ଶିଶୁ ଓ ମହିଳାଙ୍କ ପାଇଁ ଥିବା ଆଇନଗତ ସହାୟତା ସମ୍ପର୍କରେ କହିଥିଲେ। ପଦ୍ମିନୀ ପୂଜାରୀ, ଡ଼ିଏଲଏସ୍‌ଏର ପାନେଲ ଓକିଲ ସୁବାସ ଚନ୍ଦ୍ର ପାଲୋ ପ୍ରମୁଖ ଯୋଗ ଦେଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ପ୍ରଶାନ୍ତ



@ ରୋଜାଲିନ



@ ଅଂଶୁମାନ



@ ସସ୍ମିତା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜେଲ ଗଲେ ଗ୍ରୀନ୍ ଇଣ୍ଡିଆ ଚିଟଫଣ୍ଡ ନିର୍ଦ୍ଦେଶକ

### ଜମାକାରୀଙ୍କୁ ଠକେଇ ମାମଲା

ବ୍ରହ୍ମପୁର ଅଫିସ,୧୭।୧୦

ଶତାଧିକ ଜମାକାରୀଙ୍କ କୋଟି କୋଟି ଟଙ୍କା ଠକେଇ କରି ଫେରାର ଥିବା ଗ୍ରୀନ ଇଣ୍ଡିଆ ଅର୍ଥଲଗାଣ ଚିଟଫଣ୍ଡ ସଂସ୍ଥା ଜଗନ୍ନାଥପ୍ରସାଦ ଶାଖା ନିର୍ଦ୍ଦେଶକ ତ୍ରିନାଥ ପଣ୍ଡାଙ୍କୁ ପୋଲିସ ସୋମବାର ଗିରଫ କରିଛି। ତ୍ରିନାଥଙ୍କୁ ପୋଲିସ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ବଳରେ ଗିରଫ ପରେ ବ୍ରହ୍ମପୁର ଚିଟଫଣ୍ଡ କୋର୍ଟରେ ହାଜର କରିଥିଲା। ଅଭିଯୁକ୍ତ ତ୍ରିନାଥଙ୍କ ପକ୍ଷରୁ ଜାମିନ ଆବେଦନ କରାଯାଇଥିଲା। କୋର୍ଟରେ ସରକାରୀ ପିପି ବିଜୟ କୁମାର ପ୍ରଧାନ ଏହାର ଦୃଢ଼ ବିରୋଧ କରିଥିଲେ। ଚିଟଫଣ୍ଡ କୋର୍ଟ ଜଜ ଦାୟିତ୍ୱରେ ଥିବା ଏଡିଜେ (ଏଲଆର) ରାଜ କୁମାର ଦାସ ଉକ୍ତ ମାମଲାର ଅପ ଟୁ ଡେଟ ସିଡ଼ି ଦାଖଲ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଅଭିଯୁକ୍ତ ତ୍ରିନାଥଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ପିପି ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଉକ୍ତ ଅର୍ଥଲଗାଣକରୀ ସଂସ୍ଥା ମୁଖ୍ୟ କାର୍ଯ୍ୟାଳୟ ବ୍ରହ୍ମପୁରରେ ଥିବା ବେଳେ ଜଗନ୍ନାଥପ୍ରସାଦରେ ଏକ ଶାଖା କାର୍ଯ୍ୟାଳୟ ଖୋଲିଥିଲା। ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ୨୦୧୦ରେ ଗ୍ରୀନ୍ ଇଣ୍ଡିଆ ଅର୍ଥଲଗାଣକାରୀ ସଂସ୍ଥା ଖୋଲିଥିଲେ। ନିରୀହ ଜମକାରୀଙ୍କୁ ବିଭିନ୍ନ ଏଜେଣ୍ଟ ଜରିଆରେ ସଂସ୍ଥାର ଲୋଭନୀୟ ସ୍କିମ୍‌ରେ ପ୍ରଲୋଭନ ଦେଖାଇଥିଲେ। କାହାକୁ ଜମି ଦେବା ନାଁରେ ତ ଆଉ କାହାକୁ ଜମା ଟଙ୍କାର କମ୍ ଦିନ ଭିତରେ ଦୁଇ ଗୁଣା ଅଧିକ ଫେରସ୍ତ ଦେବାକୁ ପ୍ରତିଶ୍ରୁତି ଦେଇ ଶତାଧିକ ଜମାକାରୀଙ୍କଠାରୁ ୭କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିଲେ ବୋଲି ତଦନ୍ତ ବେଳେ ଜଣାପଡ଼ିଥିବା ଜଗନ୍ନାଥପ୍ରସାଦ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ କହିଛନ୍ତି। ଏନେଇ ତାଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଥିଲା। ୨୦୧୪ ମେ ୯ରେ ଜଗନ୍ନାଥପ୍ରସାଦ ଥାନାରେ ଉକ୍ତ ଚିଟଫଣ୍ଡ ସଂସ୍ଥାରୁ ୧୦ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିବା ନେଇ ଜଗନ୍ନାଥପ୍ରସାଦର ଜମାକାରୀ ବନମାଳୀ ମହାନ୍ତି ଅଭିଯୋଗ କରିଥିଲେ। ପୋଲିସ ୬୨/୧୪ ରେ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା। ଏହି ମାମଲାରେ ପୂର୍ବରୁ ୪ଜଣ ଗିରଫ ହୋଇଥିବା ବେଳେ ତ୍ରିନାଥ ଫେରାର ଥିଲେ। ତାଙ୍କ ବିରୋଧରେ କୋର୍ଟ ଗିରଫ ପରୱାନା ଜାରି କରିଥିଲା। ଜଗନ୍ନାଥପ୍ରସାଦ ପୋଲିସ ଉକ୍ତ ୱାରେଣ୍ଟ ବଳରେ ଅଭିଯୁକ୍ତ ତ୍ରିନାଥଙ୍କୁ ବ୍ରହ୍ମପୁରରୁ ଗିରଫ କରିଥିଲା। ଏହି ମାମଲାର ତଦନ୍ତ ଏବେବି ଜାରି ରହିଛି ବୋଲି ଥାନାଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି।

## ଖଲ୍ଲିକୋଟ ସାଂସ୍କୃତିକ ପରିଷଦ ବୈଠକ

ବ୍ରହ୍ମପୁର ଅଫିସ,୧୭।୧୦

ବ୍ରହ୍ମପୁରସ୍ଥ ଖଲ୍ଲିକୋଟ ସାଂସ୍କୃତିକ ପରିଷଦ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ ପରିଷଦ ପ୍ରୟାସ କରିବାର ନିଷ୍ପତ୍ତି ନିଆଯାଇଛି। ବୈଠକରେ ସଭାପତି ରବୀନ୍ଦ୍ର ନାଥ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ବିଜୟ କୁମାର ପାଢ଼ୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ରାଜ୍ୟ ସରକାର ଠିକା କର୍ମଚାରୀଙ୍କୁ ନିୟମିତ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଯାଇଛି। ଆଲୋଚନାରେ ପରିଷଦର ସଦସ୍ୟ କିଶୋର ଚନ୍ଦ୍ର ପଣ୍ଡା, ଇଂ. ଶ୍ରୀକାନ୍ତ ମହାପାତ୍ର, ସୁରେଶ ଚନ୍ଦ୍ର ମହାପାତ୍ର ଓ ପ୍ରକାଶ ଚନ୍ଦ୍ର ମିଶ୍ର ପ୍ରମୁଖ ଭାଗ ନେଇଥିଲେ।

# ଏନ୍‌ଏଚ୍‌ଆରସିରେ ମାମଲା ରୁଜୁ

### ୩ ଶିଶୁଙ୍କୁ ଅକ୍ସିଜେନ୍ ଦେବା ଘଟଣା

ବ୍ରହ୍ମପୁର ଅଫିସ,୧୭।୧୦

ବ୍ରହ୍ମପୁର ବଡ଼ ମେଡିକାଲରେ ଗୋଟିଏ ସିଲିଣ୍ଡରରୁ ୩ଶିଶୁଙ୍କୁ ଅକ୍ସିଜେନ୍ ଯୋଗାଣ ଘଟଣାର ତଦନ୍ତ ଜାରି ରହିଛି। ଏହା ମାନବ ଅଧିକାର କମିଶନ୍ (ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ପହଞ୍ଚିଛି। ବ୍ରହ୍ମପୁରର ଯୁବ ସାମାଜିକ କର୍ମୀ ରବୀନ୍ଦ୍ର କୁମାର ମିଶ୍ର ଏନ୍‌ଏଚ୍‌ଆରସିରେ ପିଟିଶନ୍ ଦାଏର କରିଛନ୍ତି। ରୋଗୀ ସେବାରେ ଉନ୍ନତି ଆଣିବା ସହିତ ମାନବ ଅଧିକାର ସୁରକ୍ଷା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଜାରି କରିବାକୁ ମିଶ୍ର ତାଙ୍କ ପିଟିଶନରେ ଆବେଦନ କରିଛନ୍ତି। ଏନ୍‌ଏଚ୍‌ଆରସି ଏହି ପିଟିଶନ୍ ଗ୍ରହଣ କରିଛନ୍ତି। ପ୍ରକାଶ ଯେ, ଡାକ୍ତରଙ୍କ ପରାମର୍ଶ କ୍ରମେ ୪ଜଣ ଶିଶୁଙ୍କ ଇକୋ ପରୀକ୍ଷା ପାଇଁ ଏସ୍‌ଏନ୍‌ସିୟୁରୁ ସୁପରସ୍ପେସାଲିଟି ବ୍ଲକ ହୃଦ୍‌ରୋଗ ବିଭାଗକୁ ଗତ ଶନିବାର ନିଆ ଯାଉଥିଲା। ଏହି ସମୟରେ ଗୋଟିଏ ସିଲିଣ୍ଡରରୁ ୩ଟି ପାଇପ୍ ଯୋଗେ ୩ ଶିଶୁଙ୍କୁ ଅକ୍ସିଜେନ୍ ଯୋଗାଣ ହେଉଥିଲା। ଆଟେଣ୍ଡାଣ୍ଟଜଣଙ୍କ ସିଲିଣ୍ଡର୍ ଟାଣିନେଉଥିବା ବେଳେ ମା'ମାନେ ଶିଶୁଙ୍କୁ କୋଳରେ ଧରି ଚାଲିଥିଲେ। ସେପଟେ ଏହି ଶିଶୁମାନେ ଏସ୍‌ଏନ୍‌ସିୟୁରେ ଭର୍ତ୍ତି ହୋଇଥିବା ବେଳେ ସେମାନଙ୍କୁ ଅକ୍ସିଜେନର ଆବଶ୍ୟକତା ପଡ଼ିନଥିଲା। ତେବେ ଇକୋ ପରୀକ୍ଷା ପାଇଁ ନେବା ବେଳେ ତାଙ୍କୁ କିଏ ଅକ୍ସିଜେନ୍ ଦେଲେ ସେହି ଘଟଣାର ତଦନ୍ତ ପାଇଁ ବଡ଼ ଡାକ୍ତରଖାନା ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ମୁଖ୍ୟ ଘଟଣାର ତଦନ୍ତ ଜାରି ରଖିଛନ୍ତି। ରିପୋର୍ଟ ଆସିବା ପରେ ପ୍ରକୃତ କଥା ଜଣାପଡ଼ିବ ବୋଲି ଅଧୀକ୍ଷକ କହିଛନ୍ତି।

# ଦିଗପହଣ୍ଡିରୁ କନିଷି ଗୋଚାଲାଣ

### ୫ ଗାଡ଼ିରୁ ୩୯ ଗାଈ ଉଦ୍ଧାର: ୯ ଚାଲାଣକାରୀ ଗିରଫ

ବ୍ରହ୍ମପୁର ଅଫିସ,୧୭।୧୦

ବ୍ରହ୍ମପୁର ବଡବଜାର ଥାନା ପୋଲିସ ସୋମବାର ଗୋଚାଲାଣ ରାକେଟ୍‌କୁ ଧରିଛି। ୫ଟି ପିକ୍‌ଅପ୍ ଭ୍ୟାନରେ ୩୯ ଗୋରୁ ଚାଲାଣ ହେଉଥିବା ଯାଞ୍ଚ ବେଳେ ପୋଲିସ ଧରିଛି। ଏଥିସହ ୯ ଜଣ ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ହିଞ୍ଜିଳିକାଟୁର ନିଶାନ୍ତ ନାହାକ, କବିରାଜ ବେହେରା, ପ୍ରକାଶ ମହାନ୍ତି, ଦିଗପହଣ୍ଡିର ବି.ପ୍ରହ୍ଲାଦ ରେଡ୍ଡୀ, ପଦ୍ମ ନାହାକ, ବି. ରାଜା ରେଡ୍ଡୀ ଓ ପାଟପୁରର ରାମ ଜେନା, ସୀମା ଗୌଡ ଓ କୁରେଶ ପାତ୍ର। ଅଭିଯୁକ୍ତମାନେ ଗୋରୁଗୁଡିକୁ ଦିଗପହଣ୍ଡି ଓ ହିଞ୍ଜିଳିକାଟୁ ଅଞ୍ଚଳରୁ ଚୋରାଇ ଆଣି ବ୍ରହ୍ମପୁର ଦେଇ କନିଷି ଚାଲାଣ କରିଥାନ୍ତେ ବୋଲି ପୋଲିସ ଜେରା ବେଳେ ଜଣାପଡିଛି। ଏ ନେଇ ନଂ.୨୬୯/୨୨ରେ ଏକ ମାମଲା ରୁଜୁ ହୋଇଛି। ଉଦ୍ଧାର ଗୋରୁଙ୍କୁ ବ୍ରହ୍ମପୁର ମହାନଗର ନିଗମ ସହାୟତାରେ ଏକ ଗୋଶାଳାକୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି।
ରବିବାର ବିଳମ୍ବିତ ରାତିରେ ବଡବଜାର ପୋଲିସ ଟିମ୍ ଫାଷ୍ଟଗେଟ ଛକରେ ପାଟ୍ରୋଲିଂ କରୁଥିଲା। ଫାଷ୍ଟଗେଟ ଛକ ମୁଖ୍ୟ ରାସ୍ତା ଉପରେ କେତୋଟି ଗାଡ଼ି ଠିଆ ହୋଇଥିବା ବେଳେ କିଛି ଲୋକଙ୍କ ସହ ଗାଡ଼ି ଡ୍ରାଇଭରଙ୍କର ଯୁକ୍ତିତର୍କ ହେଉଥିବା ପୋଲିସ ଦେଖିବାକୁ ପାଇଥିଲା। ସେଠାରେ ପୋଲିସ ପହଞ୍ଚି ପଚରାଉଚରା ବେଳେ ଉକ୍ତ ଗାଡ଼ିଗୁଡିକରେ ବେଆଇନ ଭାବେ ଗୋ–ଚାଲାଣ କରାଯାଉଥିବା ଜଣାପଡିଥିଲା।



ଗୋରୁ ସହ ଜବତ ପିକ୍‌ଅପ୍ ।

# ରାସ୍ତା ଖରାପ,ଆରଡିସିଙ୍କୁ ଦାବିପତ୍ର

ବ୍ରହ୍ମପୁର ଅଫିସ,୧୭।୧୦

ବ୍ରହ୍ମପୁର ସହରରେ ପୂର୍ତ୍ତ ବିଭାଗର ଅନେକ ରାସ୍ତା ଖରାପ ହୋଇପଡିଛି। ଫଳରେ ପ୍ରତ୍ୟେକ ଦିନ ସହରବାସୀ ଛୋଟ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି, କିନ୍ତୁ ରାସ୍ତା ମରାମତି କରାଯାଉ ନାହିଁ। ରାସ୍ତା ମରାମତି ଦାବିରେ ସୋମବାର ସହରର କେତେକ କର୍ପୋରେଟର, ବରିଷ୍ଠ ଆଇନଜୀବୀ, ବୁଦ୍ଧିଜୀବୀଙ୍କ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଗଞ୍ଜାମ ଜିଲାର ପ୍ରାୟ ୪୦ ଲକ୍ଷ ଲୋକ ବ୍ରହ୍ମପୁର ସହର ଉପରେ ନିର୍ଭରଶୀଳ। ଜିଲା ସମେତ ବାହାରୁ ଦୈନିକ ହଜାର ହଜାର ଯାନବାହନ ସହ ସାଧାରଣ ଜନତାଙ୍କ ଯାତାୟାତ ଲାଗି ରହିଥାଏ। କିନ୍ତୁ ସହର ଭିତରେ ପୂର୍ତ୍ତ ବିଭାଗ ଅଧୀନରେ ଯାଉଥିବା ରାସ୍ତାଗୁଡିକ ଖରାପ ଯୋଗୁ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ପୂର୍ତ୍ତ ବିଭାଗର ବିଭିନ୍ନ ଯନ୍ତ୍ରୀଙ୍କ ଅବହେଳା ଓ ମନମୁଖି କାର୍ଯ୍ୟ ଯୋଗୁ ସମସ୍ୟା ସମାଧାନ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଉକ୍ତ ସମସ୍ୟାକୁ ନେଇ କର୍ପୋରେଟର, ବରିଷ୍ଠ ଆଇନଜୀବୀ, ବୁଦ୍ଧିଜୀବୀଙ୍କ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଆରଡିସି ଟି.ଆଓ କହିଥିଲେ, ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ । ଏଥିସହ ଦାବିପତ୍ରର ଏକ ନକଲ ମୁଖ୍ୟମନ୍ତ୍ରୀ, ୫–ଟି ସଚିବ, ପୂର୍ତ୍ତ ବିଭାଗର ସଚିବ, ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ ଏବଂ ଗଞ୍ଜାମ ଜିଲାପାଳଙ୍କୁ ପଠାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କର୍ପୋରେଟର ଡି. କରୁଣାକର, ନରସିଂହ ସେଠୀ, ଧୀରେଶ ସାବତ, ନୀଳକଣ୍ଠ ସାହୁ, ବନୀତା ସାହୁ, ପୂର୍ବତନ କର୍ପୋରେଟର ଅଶୋକ ଶୁକ୍ଳଙ୍କ ସମେତ ସି.ଏଚ. ଆପନା, କିଷନ କୁମାର ପଣ୍ଡା, ପ୍ରହ୍ଲାଦ ପାଣିଗ୍ରାହୀ, ଅନିଲ ସାହୁ ଓ ଆଶୁତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଗଜଲକ୍ଷ୍ମୀ ଭସାଣି



ପୁରୁଷୋତ୍ତମପୁର,୧୭।୧୦(ଡି.ଏନ.ଏ.)- ପୁରୁଷୋତ୍ତମପୁର ରଥସାହିରେ ଆଠ ଦିନ ଧରି ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କୁ ରବିବାର ରାତିରେ ମେଲାଣି ଦିଆଯାଇଛି। ଏଠାରେ ଏକ ପରମ୍ପରା ରହିଛି। ପୂଜା ମଣ୍ଡପରୁ ମା' ବିଦାୟ ନେବା ବେଳେ ପ୍ରଥମେ ସାହିରେ ଥିବା ଜଗନ୍ନାଥ ମନ୍ଦିର ଓ ଥାନା ପରିସରରେ ଥିବା ଜଗନ୍ନାଥ ମନ୍ଦିରକୁ ପଟୁଆରରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତି। ଯାହାକି ଲକ୍ଷ୍ମୀ ନାରାୟଣ ଭେଟ ସହ ମହାଆଳତି ହୋଇ ପୂଜାର୍ଚ୍ଚନା ପରେ ମୃଣ୍ମୟୀ ମୂର୍ତ୍ତିଙ୍କୁ ବିସର୍ଜନ ପାଇଁ ନିଆଯାଇଥିଲା। ମହାଆଳତି ଦେଖିବା ସହ ମା'ଙ୍କ ଆର୍ଶିବାଦ ଭିକ୍ଷା ଲାଗି ଶହଶହ ଭକ୍ତଙ୍କ ଭିଡ ଜମିଥିଲା। ବିଭିନ୍ନ ବାଦ୍ୟବାଜଣା ଓ ବିରାଟ ପଟୁଆରରେ ମା'ଙ୍କୁ ସହର ପରିକ୍ରମା କରାଯାଇ ପୋଖରୀରେ ବିସର୍ଜନ କରାଯାଇଛି। ଦୀର୍ଘ ୪୫ବର୍ଷ ଧରି ଏଠାରେ ଗଜଲକ୍ଷ୍ମୀ ପୂଜା ହୋଇଆସୁଛି।

## ଜାତୀୟ ସେବା ଶିବିର ମନ ମୋହିଲା 'ମଦ ବଡ଼ ନା ଜୀବନ'

ପାତ୍ରପୁର,୧୭।୧୦(ଡି.ଏନ.ଏ)-ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଭରତ ପତି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ୭ଦିନିଆ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶେଷଦିନରେ ଆୟୋଜିତ ଶିବିରରେ ଭାଗ ନେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଆୟୋଜିତ ସଭାରେ ଡା.ଜୟପ୍ରକାଶ ପାଢ଼ୀ, ବଳରାମ ମହାପାତ୍ର, ପୂର୍ଣ୍ଣପ୍ରଭା ତ୍ରିପାଠୀ, ଅସୀମା ପ୍ରଧାନ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ରାଜଗୋପାଳ ପାଢ଼ୀଙ୍କ ରଚିତ ଓ ନିର୍ଦ୍ଦେଶିତ ସଚେତନତାମୂଳକ ନାଟକ 'ମଦ ବଡ଼ ନା ଜୀବନ' ଛାତ୍ରୀଛାତ୍ରଙ୍କ ଦ୍ୱାରା ମଞ୍ଚସ୍ଥ ହୋଇ ସମସ୍ତଙ୍କ ମନ ମୋହିଥିଲା। ନାଟକରେ ବିକାଶ, ପ୍ରଣତି, କିରଣ, ଅନିଶା, ବିଜୟଲକ୍ଷ୍ମୀ, ରୁଦ୍ର, କାହ୍ନା ଓ ଦେବରାଜ ପ୍ରମୁଖ ଅଭିନୟ କରିଥିଲେ। ୭ଦିନିଆ ଏହି ଶିବିରରେ ଛାତ୍ରୀଛାତ୍ରମାନେ ସଫେଇ, ସର୍ଭେ, ରାଲି କରିବା ସହିତ ଗ୍ରାମସଭା ମାଧ୍ୟମରେ ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ନିବେଦିତା, ସୁଶୀଳା ଓ ରଞ୍ଜିତା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ।

## ଔଷଧ ଦୋକାନରୁ ଚୋରି ଘଟଣାରେ ୩ କୋର୍ଟ ଚାଲାଣ

ଗୋପାଳପୁର,୧୭।୧୦(ଡି.ଏନ.ଏ.)- ବ୍ରହ୍ମପୁର ପୋଲିସ ଜିଲାର ବୈଦ୍ୟନାଥପୁର ଓ ଗୋପାଳପୁର ଥାନା ଅଞ୍ଚଳରେ ଔଷଧ ଦୋକାନରୁ ଚୋରି ଘଟଣାରେ ସମ୍ପୃକ୍ତ ଥିବା ତିନି ଯୁବକଙ୍କୁ ସୋମବାର ପୋଲିସ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମାଣ୍ଡିଆପଲ୍ଲୀ ଗ୍ରାମର ସମୀର କୁମାର ଦୋରା, ଅନ୍ତରବାଟିଆ ଗ୍ରାମର ରଞ୍ଜିତ କୁମାର ଦାସ ଓ ମାଣ୍ଡିଆପଲ୍ଲୀ ଗ୍ରାମର ପ୍ରବୀନ କୁମାର ଭୂଇଁଆ(୩୧)। ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ହାଉସିଂ ବୋର୍ଡ ନିକଟରେ ଥିବା କେସିଏମ୍ ଔଷଧ ଦୋକାନରୁ ଗତ ଶନିବାର ମଧରାତ୍ରରେ ଦୁର୍ବୃତ୍ତମାନେ ସଟର ତାଡ଼ି ଗୋଟିଏ ଲ୍ୟାପଟପ୍, ଦୁଇଟି ମୋବାଇଲ ଓ ନଗଦ ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରି ଚମ୍ପଟ ମାରିଥିଲେ। ପରଦିନ ମାଲିକ ଜାଣିବା ପରେ ମନୋଜ କୁମାର ପାଢ଼ୀ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା କେଶ ନଂ ୨୦୯/୨୨ ପ୍ରକାରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଚୋରି ହୋଇଥିବା ମୋବାଇଲ ଲୋକେସନରୁ ପୋଲିସ ରଂଜିତ, ସମୀର ଓ ପ୍ରବୀନଙ୍କୁ ଉଠେଇ ନେଇ ଥାନାରେ ଅଟକ ରଖି ପଚରା ଉଚରା କରିଥିଲା। ରଂଜିତଠାରୁ ଟଙ୍କା ଓ ଚୋରି ସାମଗ୍ରୀ ଜବତ କରିଥିଲା। ଏଥିପୂର୍ବରୁ ଗତ ୨ ତାରିଖରେ ଆମ୍ବପୁଆସ୍ଥିତ ମୁଖ୍ୟରାସ୍ତାରେ ଅନୁରୂପ ଏକ ଔଷଧ ଦୋକାନରୁ ସଟର ଭାଙ୍ଗି ଔଷଧ ଓ ଅନ୍ୟ ସାମଗ୍ରୀ ଚୋରି କରି ନେଇଯାଇଥିଲେ। ଏ ନେଇ ନଂ. ୧୯୭/୨୨ରେ ମାମଲା ରୁଜୁ ହୋଇଛି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର ବଡ଼ ମେଡିକାଲ ଗେଟ, କମାପଲି, କୋର୍ଟପେଟା ଓ ଅନ୍ୟ ଔଷଧ ଦୋକାନରୁ ଚୋରି ମାମଲାରେ ସମ୍ପୃକ୍ତ ଥିବା ପୋଲିସ ନିକଟରେ ସମୀର ଓ ରଞ୍ଜିତ ସ୍ୱାକ୍ଷର କରିଛନ୍ତି।

# ଅତିରିକ୍ତ ଦାୟିତ୍ୱରେ ଯନ୍ତ୍ରୀ, କାର୍ଯ୍ୟ ବାଧାପ୍ରାପ୍ତ

ବାବୁଲା ପ୍ରଧାନ
ଭଞ୍ଜନଗର,୧୭।୧୦(ଡି.ଏନ.ଏ)



ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ।

- ଭଞ୍ଜନଗର ଆର୍‌ଡବ୍ଲୁଏସ୍‌ଏସ୍ ବିଭାଗ
- ୧୮୦୭ କୋଟି ମେଗା ପାନୀୟ ଜଳ ପ୍ରକଳ୍ପ ଟେଣ୍ଡରରେ ବିଳମ୍ବ
- ଲକ୍ଷ୍ୟ ପୂରଣ ନେଇ ସନ୍ଦେହ

ଗଞ୍ଜାମ ଜିଲା ଭଞ୍ଜନଗର ଗ୍ରାମ୍ୟ ଜଳ ଯୋଗାଣ (ଆର୍‌ଡବ୍ଲୁଏସ୍‌ଏସ୍)ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଧୀନରେ ଥିବା ୧୧ ବ୍ଲକ ଏବଂ ୨ଟି ଏନ୍‌ଏସିକୁ ପାଇପ ଯୋଗେ ଜଳ ଯୋଗାଇବା ପାଇଁ ୧୮୦୭କୋଟି ୪ଲକ୍ଷ ୩୦ହଜାର ୩୦୬ ଟଙ୍କା ୧୦ପଇସାର ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହେବ। ନୟାଗଡ଼ ଜିଲା ଗଣିଆ ନିକଟସ୍ଥ ମହାନଦୀରୁ ପାଣି ଆସି ଯୋଗାଣ କରାଯିବ। ଉକ୍ତ ପ୍ରକଳ୍ପକୁ ରାଜ୍ୟ ସରକାର ମେ ୧୧ରେ ଅନୁମୋଦନ କରିଛନ୍ତି। ଏହାପରେ ସର୍ବୋଚ୍ଚ ଯନ୍ତ୍ରୀଙ୍କ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯିବା କଥା। ହେଲେ ଏ ପର୍ଯ୍ୟନ୍ତ ତାହା ଡକାଯାଇନାହିଁ । ଟେଣ୍ଡର ବିଳମ୍ବ ଯୋଗୁ ୨୦୨୪ ସୁଦ୍ଧା ସମସ୍ତ ଘରକୁ ଜଳ ଯୋଗାଣ ନେଇ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି, ତାହା ପୂରଣ ହେଲାଭଳି ମନେ ହେଉନାହିଁ। ଅନ୍ୟପକ୍ଷରେ ଏତେ ବଡ଼ ପ୍ରକଳ୍ପକୁ ତଦାରଖ କରିବା ପାଇଁ ଯନ୍ତ୍ରୀ, କର୍ମଚାରୀଙ୍କର ଅଭାବ ଦେଖାଦେଇଛି।

ଭଞ୍ଜନଗର ଅଧୀକ୍ଷଣ ଯନ୍ତ୍ରୀ ୫ମାସ ହେବ ନୟାଗଡ଼ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ତେଣୁ ସେ ଭଞ୍ଜନଗର ଅପେକ୍ଷା ନୟାଗଡ଼ରେ ଅଧିକ ସମୟ ରହୁଥିବାରୁ ମେଗା ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତରେ ବାଧା ଉପୁଜୁଛି। ସେହିଭଳି ଭଞ୍ଜନଗର ସହକାରୀ ନିର୍ବାହୀଯନ୍ତ୍ରୀ ପଦବୀ ମଧ୍ୟ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଖାଲିପଡ଼ିଛି । ୫ମାସ ପୂର୍ବେ ଜଣେ ସହକାରୀ ନିର୍ବାହୀଯନ୍ତ୍ରୀ ଏଠାକୁ ବଦଳି ହୋଇଆସିଥିଲେ। ଏହାପରେ ସେ ପୁଣି ଡ଼େପୁଟେଶନରେ ନୟାଗଡ଼ ଯାଇଛନ୍ତି। ଯନ୍ତ୍ରୀ ଉଭୟ ଦାୟିତ୍ୱରେ ରହିବାରୁ କାର୍ଯ୍ୟରେ ବାଧା ଉପୁଜୁଛି। ଭଞ୍ଜନଗର ବ୍ଲକ ସହକାରୀ ଯନ୍ତ୍ରୀ ନୀହାର ରଞ୍ଜନ ସ୍ୱାଇଁ ସହକାରୀ ନିର୍ବାହୀଯନ୍ତ୍ରୀ ଭାରପ୍ରାପ୍ତ ଦାୟିତ୍ୱରେ ଅଛନ୍ତି। ଏଥିସହ ସେ ଜଗନ୍ନାଥପ୍ରସାଦ ବ୍ଲକ ଦାୟିତ୍ୱରେ ମଧ୍ୟ ଅଛନ୍ତି । ସ୍ୱାଇଁ ଏତେ ଦାୟିତ୍ୱରେ ରହିବା ପରେ ସେ ଭଞ୍ଜନଗର, ବେଲଗୁଣ୍ଠା, ସୋରଡ଼ା, ଜଗନ୍ନାଥପ୍ରସାଦ ବ୍ଲକ କଥା ବୁଝୁଥିବାରୁ କାର୍ଯ୍ୟ ଚାପ ବଢ଼ୁଛି। ବରିଷ୍ଠ ଅଧିକାରୀମାନେ ଅଧିକାଂଶ ସମୟ କାର୍ଯ୍ୟ ବ୍ୟସ୍ତତା ଦର୍ଶାଇ ହେଡ଼କ୍ୱାର୍ଟରରେ ଅନୁପସ୍ଥିତ ରହୁଛନ୍ତି। ଏହି ସମୟରେ କୌଣସି ବ୍ୟକ୍ତି ପାନୀୟ ଜଳ ସମସ୍ୟା ନେଇ ଅଭିଯୋଗ ପାଇଁ ଆସିଲେ ଅଧୀକ୍ଷଣଯନ୍ତ୍ରୀ, ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ ଭେଟି ନପାରି ନିରାଶରେ ଫେରୁଛନ୍ତି। ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଅନେକ ପଦବୀ ଖାଲି ପଡ଼ିଛି ।

ଜଳ ଜୀବନ ମିଶନ (ଜେଜେଏମ୍)ରେ ଉକ୍ତ ମେଗା ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଭଞ୍ଜନଗର, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ, ବୁଗୁଡ଼ା, ପୋଲସରା, ଆସିକା, ବେଗୁନିଆପଡ଼ା, ପୁରୁଷୋତ୍ତମପୁର, କବିସୂର୍ଯ୍ୟନଗର, ସୋରଡ଼ା ଓ ଧରାକୋଟ ବ୍ଲକବାସୀ ଉପକୃତ ହେବ। ବର୍ତ୍ତମାନ ଉକ୍ତ ବ୍ଲକଗୁଡ଼ିକରେ ୪୦ ପ୍ରତିଶତ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହେଉଛି। ବଳକା ୬୦ ପ୍ରତିଶତ ଘରକୁ ମେଗା ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାଣି ଯୋଗାଣ ହେବ। ୧୧ ବ୍ଲକର ୭୦୩ ଗ୍ରାମରେ ୩ଲକ୍ଷ ୨୮ ହଜାର ୫୭୨ ଘର ଅଛି । ସେଥିମଧ୍ୟରୁ ବର୍ତ୍ତମାନ ୧ଲକ୍ଷ ୬୦ ହଜାର ୫୨୯ ଘରକୁ ପାଣି ଯୋଗାଣ ହେଉଛି । ପ୍ରକଳ୍ପ ସରିବା ବେଳକୁ ଘର ସଂଖ୍ୟା ବୃଦ୍ଧି ପାଇଯାଇଥିବ। ପ୍ରକଳ୍ପ ପାଇଁ ବ୍ୟୟ ବରାଦ ହୋଇଥିବା ଅର୍ଥ ମଧ୍ୟରୁ ୧୦ କୋଟି ୭୬ଲକ୍ଷ ୫୮ ହଜାର ଟଙ୍କା ଯେଉଁ ଅଞ୍ଚଳକୁ ବିଦ୍ୟୁତ୍ ସେବା ନାହିଁ ସେଠାକୁ ସୋଲାର ମାଧ୍ୟମରେ ଜଳ ଯୋଗାଣ ବାବଦକୁ ଖର୍ଚ୍ଚ ହେବ। ଜମି ଅଧିଗ୍ରହଣ ପାଇଁ ୨୫ କୋଟି, ପମ୍ପ ହାଉସ, କର୍ମଚାରୀଙ୍କ ରହଣି ବାବଦକୁ ୨୯୭ କୋଟି ୪୯ଲକ୍ଷ ୬୦ ହଜାର ୫୮ଟଙ୍କା, ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ସମେତ ଅନ୍ୟାନ୍ୟ ବାବଦକୁ ୧୧୪ କୋଟି ୧୮ଲକ୍ଷ ୬୨ ହଜାର ୩୪୮ଟଙ୍କା, ପାଇପ ବିଛା ବାବଦକୁ ୮୫୩ କୋଟି ୮୮ଲକ୍ଷ ୫୬ ହଜାର ୧୮୧ଟଙ୍କା, ଇଏସ୍‌ଆର ବାବଦକୁ ୧୨୨ କୋଟି ୩ଲକ୍ଷ ୭୯ ହଜାର ୫୫୦ଟଙ୍କା, ବିଦ୍ୟୁତ୍ ପାଇଁ ୩ କୋଟି ୬୪ଲକ୍ଷ ୫୫ ହଜାର ୮୮୪ ଟଙ୍କା, ଘରକୁ ପାଇପ ସଂଯୋଗ ପାଇଁ ୩୧ କୋଟି ୩୦ଲକ୍ଷ ୬୦ ହଜାର ୮ଶହ ଟଙ୍କା ଖର୍ଚ୍ଚ କରାଯିବା ଯୋଜନା ଅଛି । ଏଥିସହ ଅନ୍ୟାନ୍ୟ ବାବଦକୁ ବଳକା ଟଙ୍କା ଖର୍ଚ୍ଚ ହେବ। ପ୍ରକଳ୍ପ ବିଳମ୍ବ ନେଇ ଅଧୀକ୍ଷଣ ଯନ୍ତ୍ରୀ ଏସ୍.କେ. କରଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ଫୋନ୍ (ନଂ ୮୨୮୦୪୦୮୦୪୨)ରେ ଯୋଗାଯୋଗ ଉଦ୍ୟମ କରାଯାଇଥିଲେ ମଧ୍ୟ ସେ ଉଠାଉ ନ ଥିବାରୁ ସମ୍ଭବ ହୋଇପାରିନାହିଁ । ଭାରପ୍ରାପ୍ତ ସହକାରୀ ନିର୍ବାହୀଯନ୍ତ୍ରୀ ନିହାର ରଞ୍ଜନ ସ୍ୱାଇଁ କହିଛନ୍ତି, ମେଗା ପ୍ରକଳ୍ପର ଟେଣ୍ଡର ହେବାପରେ କାମ ଆରମ୍ଭ ହେବ। ବର୍ତ୍ତମାନ ପ୍ରତି ବ୍ଲକରେ ବିଶୁଦ୍ଧ ପାଣି ଗଚ୍ଛିତ ରଖିବା ପାଇଁ ଭଞ୍ଜନଗର ବ୍ଲକର କୁଲାଡ଼, ଜଗନ୍ନାଥପ୍ରସାଦର ଗାୟଗଣ୍ଡା, ବେଲଗୁଣ୍ଠା ବ୍ଲକର ମଙ୍ଗଳପୁର ନିକଟରେ ଜମି ଚିହ୍ନଟ ହୋଇଛି। ଅନ୍ୟ ବ୍ଲକରେ ମଧ୍ୟ ଜମି ଚିହ୍ନଟ ସରିଥିବା ସେ ସୂଚନା ଦେଇଛନ୍ତି।

## ନିର୍ମାଣ ସାମଗ୍ରୀ ଚୋରି, ୪ ଗିରଫ

ହିଞ୍ଜିଳିକାଟୁ,୧୭।୧୦(ଡି.ଏନ.ଏ.)

ହିଞ୍ଜିଳି ଥାନା ମହୁଲପଲୀଠାରେ ଏକ ଡ୍ରେନ୍ ନିର୍ମାଣ ପାଇଁ ଠିକାଦାରଙ୍କ ୩୦ ସ୍ଲଟର ପ୍ଲେଟ ଚୋରି ଅଭିଯୋଗରେ ସୋମବାର ପୋଲିସ ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରତନପୁର ଗାଁର ଶରତ ଦାସ, ସୁବାସ ଦାସ, ଜଗନ୍ନାଥ ଦାସ ଓ ଆଙ୍କୁଶପୁର ଗ୍ରାମର ଗଣେଶ ସାହୁ। ମହୁଲପଲୀ ଗାଁର ଠିକାଦାର ଆର କୁଞ୍ଜବିହାରୀ ମହୁଲପଲୀ ଗାଁରେ ଏକ ଡ୍ରେନ ନିର୍ମାଣ ନିମନ୍ତେ ସରକାରୀ କାର୍ଯ୍ୟ ଠିକା ନେଇଥିଲେ। ଗତ କିଛି ଦିନ ଧରି ଲଗାଣ ବର୍ଷା ପ୍ରଭାବରୁ କାର୍ଯ୍ୟ ବନ୍ଦ ଥିଲା। ଠିକାଦାର ଡ୍ରେନ ନିର୍ମାଣ ପାଇଁ ସେଠାରେ ୬୦ ସ୍ଲଟର ପ୍ଲେଟ ରଖିଥିଲେ। ଗତ ୧୩ରେ ଠିକାଦାରଙ୍କ ୩୦ ସ୍ଲଟର ପ୍ଲେଟଙ୍କ ନିର୍ମାଣ ସ୍ଥାନରେ ନଥିବା ଓ ୨ ଜଣ ଉକ୍ତ ସ୍ଥାନରେ ଏକ ବାଇକରେ ଥିବା ସେ ଦେଖିଥିଲେ। ଅନ୍ୟ ପକ୍ଷରେ ଠିକାଦାରଙ୍କୁ ଦେଖି ବାଇକ ଛାଡି ୨ ଜଣ ଉକ୍ତ ସ୍ଥାନରୁ ତରବରରେ ଖସି ପଳାଇଥିଲେ। ଏ ନେଇ ଠିକାଦାରଙ୍କ ଅଭିଯୋଗ କ୍ରମେ ସ୍ଥାନୀୟ ଥାନାରେ ନଂ.୫୫୯/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରିଥିଲା। ରବିବାର ଉକ୍ତ ଚୋରି ଘଟଣାରେ ୩ ଅଭିଯୁକ୍ତଙ୍କୁ ଓ ଉକ୍ତ ପ୍ଲେଟ କିଣିଥିବା ଅଙ୍କୁଶପୁର ଗାଁର ଗଣେଶ ସାହୁଙ୍କୁ ପୋଲିସ ଗିରଫ କରିଥିଲା।

# ଚାଷଜମି, ଭିଟାମାଟି ଛାଡ଼ିବାକୁ ୩ ଗ୍ରାମବାସୀ ନାରାଜ

## ୧୦ କି.ମି. ପାହାଡ଼ ଚଢ଼ି ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ଭେଟିଲେ ବିଡିଓ

ଆର.ଉଦୟଗିରି,୧୭।୧୦(ଡି.ଏନ.ଏ.)


ବିଡିଓ ପାହାଡ଼ ଉପର ଗାଁ ବୁଲୁଛନ୍ତି ।

୨୦୧୮ରେ ହୋଇଥିବା ତିତ୍‌ଲି ବାତ୍ୟାରେ ଆର.ଉଦୟଗିରି ବ୍ଲକ ଅନଗାଁ ପଞ୍ଚାୟତର କିମ୍ପସିଂ, ବଡିହର ଓ ଦଳେଇସାହି ଗାଁର କ୍ଷତିଗ୍ରସ୍ତ ହୋଇଥିଲା। ୩ ଖଣ୍ଡ ଗାଁରେ ପ୍ରାୟ ୫୦ ଆଦିବାସୀ ପରିବାର ବସବାସ କରୁଥିବା ବେଳେ ତିତ୍‌ଲି ବାତ୍ୟାରେ ଗାଁଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ଭୂସ୍ଖଳନ ଯୋଗୁ ପାହାଡରୁ ବଡ ପଥର ଖସି ରାସ୍ତା ନିଶ୍ଚିହ୍ନ ହୋଇଯାଇଥିଲା। ପ୍ରଶାସନ ପକ୍ଷରୁ ସମସ୍ତ ପରିବାରକୁ ଭୂୟାଁପଡା ଠାରେ ଘର ନିର୍ମାଣ କରି ରହିବା ପାଇଁ ଜାଗା ସହ ଘର ପାଇଁ ଅର୍ଥ ଦିଆଯାଇଥିଲେ ମଧ୍ୟ ଗ୍ରାମବାସୀ ଚାଷ ଜମି ଓ ଭିଟାମାଟି ଛାଡିବାକୁ ରାଜି ନୁହନ୍ତି। ଗତ ରବିବାର ସ୍ଥାନୀୟ ବିଡିଓ ଲରିମନ ଖର୍ସେଲ ଉକ୍ତ ଗାଁଗୁଡିକ ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିଛନ୍ତି। ବିଡିଓଙ୍କ ଗାଡି ବ୍ଲକ ଠାରୁ ୩୫ କି.ମି. ଯିବା ପରେ ଅଗାଁ ପଞ୍ଚାୟତର ଭୂୟାଁପଡା ଗାଁରେ ପହଞ୍ଚିଥିଲା। ସେଠାରୁ ଗାଡି ରଖି ବିଡିଓ ଓ ବ୍ଲକର ଅନ୍ୟ କର୍ମଚାରୀ ଏପିଓ ଅକ୍ଷୟ ବିଷୋୟୀରତ୍ନ, ସହକାରୀ ନିର୍ବାହୀ ଯନ୍ତ୍ରୀ ନୀଳାଞ୍ଚଳ ମହାପାତ୍ର ଓ ପ୍ରତିନିଧିଙ୍କ ସହ ୧୦ କି.ମି. ପାହଡ ଚଢି କ୍ଷତିଗ୍ରସ୍ତ ଗାଁ ଗୁଡିକରେ ପହଞ୍ଚିଥିଲେ। ବିଡିଓ ପ୍ରତି ଘରକୁ ଯାଇ ଲୋକମାନଙ୍କୁ ବୁଝାଶୁଝା କରଥିଲେ। ହେଲେ ଲୋକେ ପାହାଡ କାଟି ଗାଁକୁ ରାସ୍ତା ନିର୍ମାଣ କରିବାକୁ ଦାବି କରିଥିଲେ। କ୍ଷତିଗ୍ରସ୍ତ ଲୋକେ ସରକାରୀ ଯୋଜନା ଠିକ୍ ଭାବେ ପାଉଛନ୍ତି କି ନାହିଁ ପଚାରି ବୁଝିବାରୁ ପ୍ରତ୍ୟେକ ପରିବାର ୧ ଲକ୍ଷ ୧୯ ହଜାର ଟଙ୍କା ପାଇଛନ୍ତି ଓ ନିଜ ଇଚ୍ଛାରେ ଏହି ଜାଗା ଛାଡି ଯାଉନୁ ବୋଲି କହିଥିଲେ। ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ପାଇଥିବା ସେମାନେ ବିଡିଓଙ୍କୁ କହିଥିଲେ।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ତୁମୁଡିବନ୍ଧ,୧୭।୧୦

ତୁମୁଡିବନ୍ଧ ବ୍ଲକ କାର୍ଯ୍ୟାଳୟରେ ସୋମବାର କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ତୁମୁଡିବନ୍ଧ ଓ କୋଟଗଡ଼ ବ୍ଲକ ଅଞ୍ଚଳର ଜନସାଧାରଣ ନିଜର ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ମୋଟ ୮୪ଟି ଅଭିଯୋଗ ଶୁଣିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧୀକ୍ଷକ ଭିନିତ ଅଗ୍ରୱାଲ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ନାୟକ, ଆଇଟିଡିଏପିଏ ମଧୁସୂଦନ ବେହେରା, ତୁମୁଡିବନ୍ଧ ବ୍ଲକ ବିଡିଓ ଲଳିତ ସୋରଙ୍ଗ ଉପସ୍ଥିତ ଥିବା ବେଳେ ଜିଲାର ବିଭିନ୍ନ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନେହେରୁ ଯୁବକେନ୍ଦ୍ରର ସଫେଇ କାର୍ଯ୍ୟକ୍ରମ


ସ୍ୱେଚ୍ଛାସେବୀମାନେ ସଫେଇ କାର୍ଯ୍ୟ କରୁଛନ୍ତି।

ଫୁଲବାଣୀ ଅଫିସ, ୧୭।୧୦

ନେହେରୁ ଯୁବ କେନ୍ଦ୍ର(ଏନ୍‌ୱାଇକେ) ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ସଫେଇ କାର୍ଯ୍ୟ ଚାଲିଛି । ସୋମବାର ଫୁଲବାଣୀ ସହରର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ମୁଖ୍ୟଅତିଥି ଭାବେ ସରକାରୀ ଆଇଟିଆଇ ଅଧକ୍ଷ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଏହାପରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିଲା । ଚଳିତବର୍ଷ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ୨୪ ହଜାର କେଜି ପ୍ଲାଷ୍ଟିକ ସଂଗ୍ରହ ହେବ ବୋଲି ନେହେରୁ ଯୁବ କେନ୍ଦ୍ର ଅଧିକାରୀ ନାଭିନୀତ କୁମାର ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାନ ଦଳବେହେରା, ସୋନାଲି ଡିଗାଲ, ରୀତିମା ବାଘ, ଚନ୍ଦ୍ରମଣୀ ଦେହୁରୀ, ଶିବେନ୍ଦ୍ର ଡିଗାଲ, ମିନି କଂହର, ସୁଭଦ୍ରା ମଲ୍ଲିକ, ଗୋବିନ୍ଦ କହଁର, ସମୀର ପ୍ରଧାନ, ସୁରଭି କହଁର, ପାନୁଆଲ ଡିଗାଲ, ବିକାଶ ନାୟକ, ଦିଗବିଜୟ ପ୍ରଧାନ, ଅଜିତ ମଝିଆ ସେଠ, ଚନ୍ଦନ ପୃଷ୍ଟି ପ୍ରମୁଖ ସାମିଲ ରହି ସଫେଇ କରିଥିଲେ ।

## ବୁଦ୍ଧଖୋଲରେ ଭକ୍ତ ସମାଗମ

ବୁଗୁଡ଼ା,୧୭।୧୦(ଡି.ଏନ.ଏ.)

ବୁଗଡ଼ା ନିକଟସ୍ଥ ଐତିହାସିକ ଶୈବପୀଠ ତଥା ପର୍ଯ୍ୟଟନ କେନ୍ଦ୍ର ବୁଦ୍ଧଖୋଲରେ କାର୍ତ୍ତିକ ଦ୍ୱିତୀୟ ସୋମବାର ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଛି। ବୁଦ୍ଧଖୋଲ ଶୈବପୀଠରେ ଜଗଦୀଶ୍ୱର, ଗଙ୍ଗାଧରେଶ୍ୱର, ମକରେଶ୍ୱର, ସିଦ୍ଧେଶ୍ୱର, ବୁଦ୍ଧେଶ୍ୱର ଆଦି ପଞ୍ଚ ମହାଦେବଙ୍କୁ ଦର୍ଶନ କରିବା ସକାଶେ ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଏଠାକୁ ଆସିଥିବା ଜଣାପଡ଼ିଛି। ଏଥିସହ ଏଠିକାର ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରି ପର୍ଯ୍ୟଟକମାନେ ବେଶ୍ ମଜା ନେଉଛନ୍ତି। ଯାତ୍ରୀମାନଙ୍କ ସୁବିଧା ସକାଶେ ଥାନା ଅଧିକାରୀ ଚିତ୍ତରଞ୍ଜନ ବେହେରାଙ୍କ ନେତୃତ୍ୱରେ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ବୁଦ୍ଧଖୋଲ ଉନ୍ନୟନ ସମିତିର କର୍ମକର୍ତ୍ତାମାନେ ମଧ୍ୟ ସକ୍ରିୟ ସହଯୋଗ କରୁଥିବା ଜଣାପଡ଼ିଛି।


ବୁଦ୍ଧଖୋଲରେ ଭକ୍ତ ସମାଗମ।

## ଗାଡ଼ି ଧକ୍କାରେ ଯୁବକ ମୃତ

ଜି.ଉଦୟଗିରି,୧୭।୧୦(ଡି.ଏନ.ଏ.)– କଳିଙ୍ଗା ଘାଟି ଅନ୍ଧାରିକୁଟି ନିକଟରେ ସୋମବାର ଗାଡ଼ି ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଳିଙ୍ଗା ବଙ୍ଗଳା ସାହିର ଅମୂଲ୍ୟ ପ୍ରଧାନ (୩୨)। ସକାଳୁ କଳିଙ୍ଗା ଘାଟି ଅନ୍ଧାରକୁଟି ଝରଣାକୁ ଯାଇଥିବା ବେଳେ କୌଣସି ଏକ ଅଜଣା ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି ଜଣାପଡ଼ିଛି। ଖବର ପାଇ ଜି.ଉଦୟଗିରି ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଏ ନେଇ ନଂ. ୧୪୦/୨୨ରେ ମାମଲା ରୁଜୁ ହୋଇଛି।

# ଅଡ଼ବାରେ ଯୁଗ୍ମ ଅଭିଯୋଗ ଶୁଣାଣି

ଆର.ଉଦୟଗିରି,୧୭।୧୦(ଡି.ଏନ.ଏ.)

ଗଜପତି ଜିଲା ଅନ୍ତର୍ଗତ ମୋହନା ବ୍ଲକ ଅଡବା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଏବଂ ଆରକ୍ଷୀ ଅଧିକ୍ଷକ ଜୟରାମ ଶତପଥୀ ଦୁହେଁ ଅଞ୍ଚଳବାସୀଙ୍କ ଅଭିଯୋଗ ଶୁଣି ତାହାର ସମାଧାନ ନିମନ୍ତେ ବ୍ୟବସ୍ଥା କରିଥିଲେ। ଅଭିଯୋଗ ଶୁଣାଣି ସମୟରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଫାଲଗୁନି ମାଝି, ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ ରଥ, ଆର.ଉଦୟଗିରି ଏସଡିପିଓ ଦିଲୀପ କୁମାର ନାୟକ, ବିଡ଼ିଓ ତପସ୍ୱିନୀ ହାଂସଦା, ବ୍ଲକ ଅଧକ୍ଷ ରଞ୍ଜୀବ ଶବର, ଉପାଧ୍ୟକ୍ଷା ବାଲ୍ମିନା ଅଧିକାରୀ, ଡିଆରଡିଏ ନିର୍ବାହୀ ଯନ୍ତ୍ରୀ, ସିଡିପିଓ ଲଳିତା ମଲ୍ଲିକ, ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଡା. ନମିତା ପଣ୍ଡା, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ପାତ୍ର, ବ୍ଲକ ଶିକ୍ଷାଧିକାରୀ, ବ୍ଲକ ଯୋଗାଣ ଅଧିକାରୀ, କୃଷି ଅଧିକାରୀ, ରାଜସ୍ୱ ଅଧିକାରୀ, ବ୍ଲକ ଏବଂ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିବା ସହ ରେଡକ୍ରସ ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ କେତେକଙ୍କୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା କରିଥିଲେ।

ଏଥିସହ ଅଡବା ଅଞ୍ଚଳରେ ମାଛ ଚାଷ କରୁଥିବା ଚାଷୀଙ୍କୁ ଅନୁଦାନ ଯୋଗାଇ ଦେଇଥିଲେ। ଏହି ଅବସରରେ ମୋହନା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀ, ହରଭଙ୍ଗୀ ଜଳସେଚନ ବିଭାଗ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜିଲାପାଳଙ୍କ ଅଫିସ ଘେରିଲା ଭାଜପା ଯୁବ ମୋର୍ଚ୍ଚା

ଫୁଲବାଣୀ ଅଫିସ, ୧୭।୧୦

**ମୃତ ଶିଶୁ ଜନ୍ମ ପରେ ନାବାଳିକା ଛାତ୍ରୀ ମୃତ୍ୟୁ ଘଟଣା**



ଯୁବମୋର୍ଚ୍ଚା କର୍ମକର୍ତ୍ତା ।

ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ରାଙ୍ଗାପାଜୁ ଆଶ୍ରମ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ମୃତପିଲା ଜନ୍ମ ଦେବା ଓ ପରେ ତାଙ୍କର ମୃତ୍ୟୁ ହେବା ଘଟଣାକୁ ନେଇ ଜିଲାରେ ଅସନ୍ତୋଷ ଲାଗି ରହିଛି। ପ୍ରକୃତ ଦୋଷୀଙ୍କୁ ପୋଲିସ ତଦନ୍ତ ପରିସରଭୁକ୍ତ କରୁନାହିଁ । ଦୋଷୀଙ୍କୁ ଘଣ୍ଟ ଘୋଡାଯାଉଛି। ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଭାଜପା ଯୁବ ମୋର୍ଚ୍ଚା କର୍ମକର୍ତ୍ତା ଏବଂ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ସ୍ଥାନୀୟ ମାଦିକୁନ୍ଦା ଛକରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଜିଲାରେ ବାରମ୍ବାର ଆଦିବାସୀ ନାବାଳିକାଙ୍କୁ ନେଇ ଏଭଳି ଘଟଣା ଲୋକାଲୋଚନକୁ ଆସୁଛି। ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ରହି ଆଦିବାସୀଙ୍କ ଜୀବନ ସହ ଖେଳୁଛି ବୋଲି ଯୁବମୋର୍ଚ୍ଚା ସଭାପତି ଗୋଲକ ବିହାରୀ କହଁର ଏବଂ ସାଧାରଣ ସମ୍ପାଦକ ଜଗନ୍ନାଥ ସାହୁ ପ୍ରମୁଖ କହିଥିଲେ। ରାଜ୍ୟ ସଂଯୋଜକ ନାରାୟଣ କର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇ କେବଳ ଭୋଟ ରାଜନୀତି ପାଇଁ ଆଦିବାସୀଙ୍କୁ ରାଜ୍ୟ ସରକାର ବ୍ୟବହାର କରୁଛନ୍ତି। ଜିଲାର ସମସ୍ତ ସେବାଶ୍ରମରେ ଛାତ୍ରୀଛାତ୍ର ଅବ୍ୟବସ୍ଥା ଏବଂ ଭୟରେ ରହୁଛନ୍ତି। ରାଙ୍ଗାପାରୁରେ ଯେଉଁ ଘଟଣା ଘଟିଲା ତାହା ଉପରେ ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଜିଲାପାଳ ନିରବ ରହଛନ୍ତି ବୋଲି କହିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭଗବାନ ମହାନ୍ତି, ଦେବନାରାୟଣ ପ୍ରଧାନ, ଭାଜପା ଉପ ସଭାପତି ରମେଶ ଚନ୍ଦ୍ର ମହାନ୍ତି ସାମିଲ ହୋଇ କାହିଁକି ଅବ୍ୟବସ୍ଥା ଘେରରେ ଗର୍ଭବତୀ ଛାତ୍ରୀଙ୍କୁ ଆଣି ରଖା ଯାଇଥିଲା ଏବଂ ସୁବିଧା ନ ଥିବା ଡାକ୍ତରଖାନାରେ ଚିକିତ୍ସା କରାଗଲା, ତାହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଆଦିବାସୀ ନେତା ବସନ୍ତ ପ୍ରଧାନ, ରାମବିଶି ଦିଗାଲ, ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଭୟ ପାତ୍ର, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ମୋତିଲାଲ୍ ଦିଗାଲ୍, ଉପ ସଭାପତି ସୁଧାଂଶୁ ଗୁରୁ, ସଂଜୟ ମଲ୍ଲିକ, ସଂଜିତ୍ ପାତ୍ର, ମୁକ୍ତିକାନ୍ତ ମହାନ୍ତି, ବିଶିକେଶନ ପ୍ରଧାନ, ଅରବିନ୍ଦ ପଟ୍ଟନାୟକ, ଅନାଇ ମୁଖି, ଦେବାଶିଷ ପ୍ରୀୟଦର୍ଶିନୀ ପ୍ରମୁଖ ସାମିଲ ଥିଲେ ।